32 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୩୪ ● ୩ ମାର୍ଚ୍ଚ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-34 ● 3rd March 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଶୁଭେଚ୍ଛା

ପବିତ୍ର ଦୋଳ ଓ ହୋଲି ଅବସରରେ ସମ୍ବାଦ କଳିକାର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

## ଛୁଟି ଘୋଷଣା

ପବିତ୍ର ଦୋଳ ଓ ହୋଲି ଅବସରରେ ସମ୍ବାଦ କଳିକାର କାର୍ଯ୍ୟାଳୟ ତା ୩.୩.୨୦୨୬ ଓ ୪.୩.୨୦୨୬ ଦୁଇ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫.୩.୨୦୨୬ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

## ଘନେଇଲା ଇରାନ-ଆମେରିକା ଯୁଦ୍ଧ

# ଇରାନରେ ୫୫୫ ମୃତ : ଜଳିଗଲା ତୈଳ ଭଣ୍ଡାର



**ତେହେରାନ, ୨ ।୩**

ତୃତୀୟ ଦିନରେ ଇରାନ-ଆମେରିକା ଘମାଘୋଟ ଯୁଦ୍ଧ ଜାରି ରହିଛି । ଉଭୟ ପକ୍ଷରୁ ଭୟଙ୍କର ଆକ୍ରମଣ ଜାରି ରହିଥିବା ବେଳେ, ଇରାନରେ ମୃତ୍ୟୁ ସଂଖ୍ୟା ୫୫୫ ଛୁଇଁଲାଣି । ଇରାନର ନୌସେନା ଘାଟିରେ ୩ଟି ଜାହାଜ ଧ୍ୱଂସ ହୋଇ ବୁଡ଼ିଯାଇଥିବା ବେଳେ, ସାଉଦି ଆରବର ତୈଳ ଭଣ୍ଡାରକୁ ଟାର୍ଗେଟ୍ କରିଛି ଇରାନ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିବା ମଧ୍ୟ ଇରାନ ଦାବି କରିଛି । ଏସବୁ ଭିତରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବି ସୂଚନା ମିଳିଛି ।

ବିମାନ ଖସିଲା, ଜାହାଜ ବୁଡ଼ିଲା, ହୁତୁହୁତୁ ଜଳିଲା ତୈଳ ଭଣ୍ଡାର । ୧୨ ଦେଶରେ ଯୁଦ୍ଧ ବିଭୀଷିକା । ତେବେ ସବୁଠୁ ସାଂଘାତିକ ବିପତ୍ତି ଆଣିପାରେ- ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ! ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବେଳେ ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଅଭିଯୋଗ ହୋଇଛି । ୩୫ ଦେଶକୁ ନେଇ ଗଠିତ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ଆଇଏଡ଼ିଇଏର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ବୈଠକରେ ଏହି ଅଭିଯୋଗ କରିଛନ୍ତି ଇରାନୀ ପ୍ରତିନିଧି । ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲେ ବ୍ୟାପକ ଅଞ୍ଚଳକୁ କ୍ଷତିକାରୀ ବିକିରଣ ପ୍ରଭାବିତ କରିପାରେ । ଇରାନର କୋର୍ନାକ୍ ନୌସେନା ଘାଟି ଉପରେ ବି ହୋଇଛି ଆକ୍ରମଣ । ଏଥିରେ ୩ଟି ଯୁଦ୍ଧ ଜାହାଜ ବୁଡ଼ିଥିବା ସୂଚନା ମିଳିଛି । ଏହି ୩ ଦିନର ଯୁଦ୍ଧରେ ଇରାନରେ ୫ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ, ବହୁ ଗୁଇନ୍ଦା ଅଧିକାରୀଙ୍କର ବି ଜୀବନ ଯାଇଛି ।

ରକ୍ତମୁଖା ଇରାନ ବି ନଛୋଡ଼ବନ୍ଧା । ତେହରାନର ଡ୍ରୋନ୍ ମାଡ଼ ପରେ ଜଳୁଛି ସାଉଦି ଆରବର ରାସ୍ ଟାନୁରା ତୈଳ ବିଶୋଧନାଗାର । ଏହାକୁ ସାମୟିକ ବନ୍ଦ ରଖିବାକୁ ବାଧ ହୋଇଛି ଆରାମକୋ । ଏଥିସହ ଇରାନ ଏୟାରଷ୍ଟ୍ରାଇକରେ ଦୁବାଇ, ଆବୁଧାବି, ଦୋହାରେ ବି ଭୟଙ୍କର ବିସ୍ଫୋରଣ ଜାରି ରହିଛି । ସେପଟେ କୁଏତରେ ଥିବା ଆମେରିକୀୟ ଦୂତାବାସ ଉପରେ ବି ଇରାନ ଆକ୍ରମଣ କରିଥିବା ବେଳେ, ଆମେରିକାର ଏଫ୍-୧୫ ଯୁଦ୍ଧ ବିମାନ ଜଳୁଥିବା ଅବସ୍ଥାରେ ତଳକୁ ଖସୁଥିବା ଭିଡିଓ ଭାଇରାଲ୍ ହେଉଛି ।

ତେବେ ଇରାନ ଆକ୍ରମଣରେ ନୁହେଁ, କୁଏତ ଭୁଲବଶତଃ ୩ଟି ଏଫ୍-୧୫ ଷ୍ଟ୍ରାଇକ୍ ଇଗଲ୍ ବିମାନ ଖସାଇ ଦେଇଛି ବୋଲି ବିବୃତି ଜାରି କରିଛି ଆମେରିକା । ଏସବୁ ଭିତରେ ଇରାନ୍ ଦେଇଛି ବଡ଼ ବୟାନ । ଖୋମେନିଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସିଧାସଳଖ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ଇସ୍ରାଏଲ ବାୟୁସେନା କମାଣ୍ଡରଙ୍କ ଠିକଣା ଉପରେ ମିସାଇଲ୍ ମାଡ଼ କରିଥିବା ଦାବି *(ପୃଷ୍ଠା ୭ରେ)*

## ବିଶ୍ୱରେ ଶାନ୍ତି ଓ ସ୍ଥିରତା ଚାହେଁ ଭାରତ

**ନୂଆଦିଲ୍ଲୀ, ୨ ।୩**



ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସୋମବାର ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ନୂଆଦିଲ୍ଲୀ ନିରନ୍ତର ଶାନ୍ତି ଏବଂ ସ୍ଥିରତା ପାଇଁ ଆହ୍ୱାନ ଦେଇଛି ।ଯେତେବେଳେ ଦୁଇଟି ଗଣତନ୍ତ୍ର ଏକାଠି ଛିଡା ହୁଅନ୍ତି, ସେତେବେଳେ ଶାନ୍ତି ପାଇଁ ସେମାନଙ୍କର ସାମୂହିକ ସ୍ୱର ଆହୁରି ଦୃଢ଼ ହୁଏ । ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ ପାଇଁ ଗଭୀର ଚିନ୍ତାର ବିଷୟ । ଭାରତ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ତ ବିବାଦର ସମାଧାନକୁ ସମର୍ଥନ କରେ । ବିଶ୍ୱରେ ଶାନ୍ତି ଓ ସ୍ଥିରତା ଚାହେଁ ଭାରତ । ଆପୋସ କଥାବାର୍ତ୍ତା, କୂଟନୈତିକ ଜରିଆରେ ସମସ୍ୟାର ସମାଧାନ ହେଉ । ନାଗରିକଙ୍କ ସୁରକ୍ଷା ଆମର ପ୍ରାଥମିକତା । ଏହି ଅଞ୍ଚଳରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଦେଶ ସହିତ ଘନିଷ୍ଠ ଭାବରେ ଜଡିତ ରହିବେ ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆହୂତ ବୈଠକରେ ନିଷ୍ପତ୍ତି

# ରାଜ୍ୟସଭା ପାଇଁ ୩ ପ୍ରାର୍ଥୀ ଦେବ ବିଜେପି

**ଭୁବନେଶ୍ୱର, ୨ ।୩**

**ନ୍ୟୁଜ୍ ବ୍ୟୁରୋ**



ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ୩ ଜଣଙ୍କୁ ପ୍ରାର୍ଥୀ କରିବ । ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନଥିଲେ ସୁଦ୍ଧା ଆସନ୍ତା ୫ ତାରିଖରେ ୩ଜଣ ପ୍ରାର୍ଥୀ ନାମାଙ୍କନ ଭରିବେ ବୋଲି ସୂଚନା ଦିଆଯାଇଛି । ରାଜ୍ୟସଭା ପାଇଁ ୪ଟି ଆସନ ଖାଲି ପଡୁଥିବା ବେଳେ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ବିଜେପି ୨ଟି ଆସନ ଓ ବିଜେଡ଼ି ଗୋଟିଏ ଆସନ ଜିତିବା ସୁନିଶ୍ଚିତ ହୋଇଛି । ତେବେ ୪ର୍ଥ ଆସନ ପାଇଁ ବିଜେଡି କଂଗ୍ରେସ କମନ ପ୍ରାର୍ଥୀଙ୍କ ନାମ ସମର୍ଥନ ଘୋଷଣା କରି ସାରିଛି । ଏହି ସମୟରେ ବିଜେପି ଏହାକୁ କଡ଼ା ଟକ୍କର ଦେବା ଆରମ୍ଭ କରି ଦେଇଛି । ଅର୍ଥାତ୍ ୪ର୍ଥ ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବ ବୋଲି ସୋମବାର ଘୋଷଣା କରିଛି । ଏହା ଫଳରେ ଆଗାମୀ ରାଜ୍ୟସଭା ନିର୍ବାଚନ ଉଭୟ ଶାସକ ଦଳ ବିଜେପି ଏବଂ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ପାଇଁ ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ମହଲରେ ବିବେଚନା କରାଯାଉଛି । *(ପୃଷ୍ଠା ୭ରେ)*

# ୨୫ରୁ ରତ୍ନଭଣ୍ଡାର ଗଣତିମଣତି

**ପୁରୀ, ୨ ।୩**

**ନ୍ୟୁଜ୍ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ସମେତ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ନିଯୋଗ ଦଇତାପତି ସେବାୟତ ଯୋଗଦେଇଥିଲେ । ଆସନ୍ତା ୨୫ ତାରିଖ ବୁଧବାର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପକ୍ରିୟା ଆରମ୍ଭ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ପକ୍ରିୟାରେ ୨ଟି ଟିମ ଉପସ୍ଥିତ ରହିବେ । ଦିନ ୧୨.୨୦ରୁ ୧.୪୫ ମଧ୍ୟରେ ମାହେନ୍ଦ୍ରବେଳା ବାହାରିଥିବାରୁ ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥିର ହୋଇଛି ।

ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ । *(ପୃଷ୍ଠା ୭ରେ)*

## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୨ ।୩**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ପାଇଁ ଡିଜିପି ୱାଇ ବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୋଲିସ ଡିଜିଙ୍କ କ୍ୟାମ୍ପ ଅଫିସରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଇନଶୃଙ୍ଖଳା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୭,୦୫୧ (-୨୫୮)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୩୦ (-୨୩୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୭୮୮ (-୧୯୩)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୩୧୫ (-୧୦)

# ଦୋହଲିଗଲା ଷ୍ଟକ୍ ବଜାର: ସେନସେକ୍ସ ୧୦୪୮ ପଏଣ୍ଟ୍ ଖସିଲା



**ମୁମ୍ବାଇ, ୨ ।୩**

ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣ ପ୍ରଭାବରେ ସୋମବାର ସମଗ୍ର ଏସିଆର ଷ୍ଟକ୍ ବଜାର ଦୋହଲିଯାଇଛି । ଭାରତଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ଚାରିଆଡ଼େ ଯୁଦ୍ଧର ତାତି ଅନୁଭୂତ ହୋଇଛି । ନିବେଶକମାନେ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧୦୪୮ ପଏଣ୍ଟ୍ ହ୍ରାସ ପାଇ ୮୦,୨୩୯ ପଏଣ୍ଟରେ ବନ୍ଦ ହୋଇଛି । ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୩ ପଏଣ୍ଟ୍ ହ୍ରାସ ପାଇ ୨୪,୮୬୬ ପଏଣ୍ଟରେ ବନ୍ଦ ହୋଇଛି । ଭୂରାଜନୈତିକ ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ବଢୁଥିବାରୁ ଦେଶରେ ଦରଦାମ୍ ବେଲଗାମ ହେବା ଆଶଙ୍କା ଦେଖାଦେଇଛି । ଏଥି ସହିତ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଲାଭ ମଧ୍ୟ ପ୍ରଭାବିତ ହୋଇପାରେ । ତେଣୁ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାରକୁ ନିବେଶକମାନେ ବିକ୍ରି କରୁଛନ୍ତି । କିଛି ନିବେଶକମାନେ ସେୟାର ବିକ୍ରି କରି ସେହି ପାଣ୍ଠିକୁ ସୁନା ଓ ରୁପା ଭଳି ସୁରକ୍ଷିତ ମାଧ୍ୟମରେ ନିବେଶ କରୁଛନ୍ତି । ସେଥିପାଇଁ ଭାରତୀୟ ଷ୍ଟକ୍ ବଜାରରେ ଆଜି କାରବାର ମାନ୍ଦା ରହିଥିଲା ।

# ଆଇଏମ୍‌ଡିର ସତର୍କତା ଜାରି : ୬ ରାଜ୍ୟରେ ଝଡ ବର୍ଷା ସମ୍ଭାବନା

**ନୂଆଦିଲ୍ଲୀ, ୨ ।୩**

ଉତ୍ତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଆରମ୍ଭ ହୋଇଛି । ଦିନବେଳା ସୂର୍ଯ୍ୟକିରଣ ପ୍ରବଳ ଗରମ ଆଣିଛି । ପାଣିପାଗ ବିଭାଗ ମଧ୍ୟ ଏହି ସପ୍ତାହରେ ଉତ୍ତର-ପଶ୍ଚିମ ଏବଂ ମଧ୍ୟ ଭାରତର କିଛି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି । ଘଣ୍ଟା ପ୍ରତି ୩୦ ରୁ ୩୫ କିଲୋମିଟର ବେଗରେ ଗରମ ପବନ ବହିପାରେ । ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ମଧ୍ୟ ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି ।

ଆଇଏମଡିର ସୂଚନା ଅନୁଯାୟୀ, ଏହି ସପ୍ତାହରେ ଦେଶରେ ଦୁଇଟି ପଶ୍ଚିମା ଝଡ ସକ୍ରିୟ ହେବ । ୪ ମାର୍ଚ୍ଚ ରାତିରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଏକ ନୂତନ ପଶ୍ଚିମା ଝଡ ଆଶଙ୍କା କରାଯାଉଛି । ୬ ମାର୍ଚ୍ଚରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଆଉ ଏକ ପଶ୍ଚିମା ଝଡ ମଧ୍ୟ ପହଞ୍ଚିପାରେ ।

ଆଇଏମଡିର ସୂଚନା ଅନୁଯାୟୀ, ଏହି ସପ୍ତାହରେ ଆଶା କରାଯାଉଥିବା ଉଭୟ ପଶ୍ଚିମା ଝଡ ଦୁର୍ବଳ ହେବ, କିନ୍ତୁ ସେମାନଙ୍କର ପ୍ରଭାବରେ ୪ ରୁ ୮ ମାର୍ଚ୍ଚ ମଧ୍ୟରେ ଜମ୍ମୁ-କଶ୍ମୀରରେ ବର୍ଷା ଏବଂ ତୁଷାରପାତ ହେବ । ହିମାଚଳ ପ୍ରଦେଶରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ୱେଷ୍ଟଇଣ୍ଡିଜ୍ ବାଲା ଉଡି ପକାଇଲେ
ଭାରତ ରହିଲା ଘରେ
ସେମିଫାଇନାଲ୍‌ରେ ଟିମ୍ ବ୍ଲୁ ଦେଖି
ଇଂଲଣ୍ଡ ଦଳଟା ଥରେ
ସଂଜୁ ମାରେ ଟିକେ ଧୀରେ
ବର୍ମା ଦୁବେ ଆଉ ପାଣ୍ଡିଆ କଥା
ଭାବି ମୁଣ୍ଡ ତାଙ୍କ ଘୁରେ ।




ସତ୍ୟମେବ ଜୟତେ

## ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

15001/5/2526



## ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0005



# ବାଲେଶ୍ୱରରେ 'ବିକଶିତ ଭାରତ' କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ**



ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ ତାରିଖ ୨୦୨୬ରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ-୨୦୨୬' ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବ। ଏହି ୟୁଥ ପାର୍ଲାମେଣ୍ଟରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜ ବକ୍ତୃତା ପ୍ରଦାନ କରିପାରିବେ। ବାଲେଶ୍ୱର ଜିଲ୍ଲାର ୧୮ରୁ ୨୫ ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗ ମାନେ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରାୟ ୨୦୦ ପ୍ରତିଯୋଗୀଙ୍କ ଭାଗ ନେବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରୁ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ଚୟନିତ ହେବେ ଏବଂ ସେଠାରୁ ୩ ଜଣ କେନ୍ଦ୍ର ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିର ସଦସ୍ୟମାନେ ହେଲେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସମନ୍ୱୟକର୍ତ୍ତା, ଏନଏସଏସ ବ୍ୟୁରୋ; ଏମ. ବିଘ୍ନେଶ, ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର ଡକ୍ଟର ପ୍ରତିମା ପ୍ରଧାନ, ଜିଲ୍ଲା ଏନଏସଏସ ଅଧିକାରୀ, ବାଲେଶ୍ୱର ଗୌରାଙ୍ଗ ପଣ୍ଡା, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ବାଲେଶ୍ୱର; ଅଭୟ ନାୟକ, କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀମାନେ। ଯୁବବର୍ଗଙ୍କୁ ଭାରତର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ସହ 'ବିକଶିତ ଭାରତ' ଅଭିଯାନରେ ସେମାନଙ୍କ ମତାମତକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହା ମାଧ୍ୟମରେ ଯୁବପିଢ଼ୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶ ଘଟିବ ବୋଲି ଆୟୋଜକମାନଙ୍କ ପକ୍ଷରୁ ସୂଚିତ କରାଯାଇଛି।

# ଜିଲ୍ଲା ସାରା ବୁଲିବ ବାଲ୍ୟ ବିବାହ ମୁକ୍ତ ରଥ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଦୁଇଗୋଟି ବାଲ୍ୟ ବିବାହ ମୁକ୍ତ ରଥକୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ପ୍ରଶାସନର ସହଯୋଗ କ୍ରମେ ଅଗ୍ରଣୀ ସମାଜସେବୀ ସଂଗଠନ ଉତ୍କଳ ସେବକ ସମାଜ ଦ୍ୱାରା ଏହି ରଥଟି ଜିଲ୍ଲାର ୮ଗୋଟି ବ୍ଲକର ସମସ୍ତ ପଂଚାୟତ ବୁଲି ଜନସାଧାରଣଙ୍କୁ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା କରାଇବ। ଉତ୍କଳ ସମାଜର ସମ୍ପାଦକ ଡକ୍ଟର ଅମୀୟ ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଶ୍ରମ ଅଧିକାରୀ ଏ.ପି ମହା ମାନସିଂହ ପ୍ରମୁଖ ଉପସ୍ଥିତ ରହି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୦୩୦ ସୁଦ୍ଧା ବାଲ୍ୟବିବାହ ମୁକ୍ତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ରଥ ଜନସାଧାରଣଙ୍କୁ ସଚେତନ କରିବ। ସେହିପରି ମହାକାଳପଡା ବ୍ଲକ ପାଇଁ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଏକ ସ୍ୱତନ୍ତ୍ର ରଥକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି ରଥଟି ମହାକାଳପଡା ବ୍ଲକର ପ୍ରତ୍ୟେକ ପଂଚାୟତ ଓ ଗ୍ରାମ ଗୁଡିକ ବୁଲି ବାଲ୍ୟ ବିବାହ ବନ୍ଦ ପାଇଁ ଜନସାଧାରଣଙ୍କୁ ସଚେତନ କରିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଆଶିଷ ରଞ୍ଜନ ସାହୁ, ରଜନୀକାନ୍ତ ନାୟକ, ରବିନ୍ଦ୍ର ରାଉତ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସଭା ଶେଷରେ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂଜିନିୟର ଅନ୍ୱୟ ଅଭିନବ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ପାଇଁ ଅଭ୍ୟାସ କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ ବ୍ୟୁରୋ**



ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତରେ ପୃଥକ ପୃଥକ ଭାବେ ବିଦ୍ୟାଳୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କୃତିମ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରପଡା ପଞ୍ଚାୟତ ଲବିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କ୍ୟାରିଟସ ଇଣ୍ଡିଆ ଓ ଶିକ୍ଷାନୁଷ୍ଠାନ ର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଛାସେବୀ ପୁନି ମହାପାତ୍ର ଓ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ସାପ କାମୁଡା, ଜଳରେ ବୁଡିବା, ଅଂଶୁଘାତ, ଅଗ୍ନି ଲାଗିବା, ବଜ୍ରାଘାତ ବେଳେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସେହିପରି ପୋଇରାଶୀ ପଞ୍ଚାୟତର ବରପଲ୍ଲୀ ଋଷିକୁଲ୍ୟା ଉଚ୍ଚ ବିଦ୍ୟାପୀଠରେ ମଧ୍ୟ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ପୁରୁଷୋତ୍ତମପୁର ପୁର ଅଗ୍ନିଶମ ବିଭାଗ ଯୋଗଦେଇ ବିଭିନ୍ନ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ମକଡ୍ରିଲ କରାଯାଇଥିଲା । ଉଭୟ କାର୍ଯ୍ୟକ୍ରମରେ କ୍ୟାରିଟସ ଇଣ୍ଡିଆର ସ୍ୱେଛାସେବୀ ପୁନି ମହାପାତ୍ର ପୌରୋହିତ୍ୟରେ ଆୟୋଜିତ ହୋଇଥିବା ବେଳେ ପୋଇରାଶି ପଞ୍ଚାୟତ ସରପଞ୍ଚ ରବିନ୍ଦ୍ର ନାଥ ବେହେରା ଓ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ । ଉଭୟ କାର୍ଯ୍ୟକ୍ରମରେ ଅଭିଭାବକ, ଶିକ୍ଷକ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ରାଜ୍ୟ, ଓକାକ୍ ଡୋମେନ ପରାମର୍ଶଦାତା, ସତ୍ୟ ରଞ୍ଜନ ସାହୁଙ୍କ ଦ୍ୱାରା ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଫିସ କାର୍ଯ୍ୟ ଓ କାର୍ଯ୍ୟକାରିତା ଉପରେ ସୁବର୍ଣ୍ଣପୁର ଜିଲ୍ଲାର ଓସ୍ୱାନ କନଫରେନ୍ସ ହଲ ଠାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁଙ୍କ ଉପସ୍ଥିତିରେ ପର୍ଯ୍ୟାଲୋଚନ ଓ ସମୀକ୍ଷା କରାଯାଇଥିଲା। ଏହି ପର୍ଯ୍ୟାଲୋଚନା ଓ ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟରତ ଡେପୁଟି କଲେକ୍ଟର, ସହକାର କଲେକ୍ଟର, ସମସ୍ତ ଜିଲ୍ଲା ସ୍ତରୀୟ ବୃନ୍ଦ, ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଓସ୍ୱାନ ଭିଡିଓ କନଫରେନ୍ସ ଉପସ୍ଥିତ ରହି ଯୋଗଦାନ କରିଥିବାବେଳେ ବ୍ଲକ ସ୍ତରରେ ପଞ୍ଚାୟତ ସମିତି ସ୍ଥିତ ଓସ୍ୱାନ ଭିଡିଓ କନଫରେନ୍ସ ହଲ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ସଂପୃକ୍ତ ତହସିଲଦାର ବୃନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଓ ଅନ୍ୟ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଆଭସି ମାଧ୍ୟମରେ ପର୍ଯ୍ୟାଲୋଚନା ଓ ସମୀକ୍ଷା ରେ ଅଂଶ ଗ୍ରହଣ କରିଥିଲେ। ଓକାକ ଡୋମେନ ପରାମର୍ଶଦାତା ଜିଲ୍ଲା ସମସ୍ତ କାର୍ଯ୍ୟାଳୟ ୱାରି ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ହେଉଥିବା ଅଫିସ ଫାଇଲ କାର୍ଯ୍ୟ ସମ୍ପାଦନର ସମୀକ୍ଷା କରିଥିଲେ। ଯେଉଁ କାର୍ଯ୍ୟାଳୟ ଆଦୌ ଗୋଟିଏ ମଧ୍ୟ ଫାଇଲ କାମ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ କରି ନାହାନ୍ତି, ସେହିଁ କାର୍ଯ୍ୟାଳୟ ର ଅଧିକାରୀ ମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆଗାମୀ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅତିକମରେ ୩୦ ଗୋଟି ଅଫିସ ଫାଇଲ କାମ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ କରିବାକୁ ତାଗିଦ୍ କରିଥିଲେ। ତଦୋପରି ଯେଉଁ କାର୍ଯ୍ୟାଳୟ ଆଦୌ ଗୋଟିଏ ମଧ୍ୟ ଫାଇଲ କାମ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଏକ ଅଙ୍କିୟ ସଂଖ୍ୟାରେ ଅଫିସ ଫାଇଲ କାର୍ଯ୍ୟ କରିଛନ୍ତି, ସେହି କାର୍ଯ୍ୟାଳୟ ର ଅଧିକାରୀ ମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆଗାମୀ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅତିକମରେ ୫୦ ଗୋଟି ଅଫିସ ଫାଇଲ କାମ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜିଲ୍ଲାର ଯେଉଁ କାର୍ଯ୍ୟାଳୟ ର ଭି.ପି.ଏନ୍ ସଂଯୋଗୀ କରଣ ହୋଇ ନାହିଁ, ସେହି କାର୍ଯ୍ୟାଳୟ କୁ ତୁରନ୍ତ .ପି.ଏନ୍ ସଂଯୋଗି କରଣ କରି ଅଫିସ ଫାଇଲ କାର୍ଯ୍ୟ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଆମ ଶାସନ କାର୍ଯ୍ୟର କାର୍ଯ୍ୟକାରିତା ଉପରେ ମଧ୍ୟ ପର୍ଯ୍ୟାଲୋଚନା ଓ ସମିକ୍ଷା କରାଯାଇଥିଲା । ଓକାକ୍ ଡୋମେନ ପରାମର୍ଶଦାତା, ଶ୍ରୀ ସାହୁ ଓ.ଏସ.ଡ୍ଲି.ଏସ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ କାର୍ଯ୍ୟାଳୟ ର ଅଫିସ ଫାଇଲ କାର୍ଯ୍ୟ ଅଧିକ ମାତ୍ରାରେ କରି ଜିଲ୍ଲା ସ୍ଥିତି କୁ ଆଗକୁ ନେବା ପାଇଁ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ସୁବର୍ଣ୍ଣପୁର, ଉପସ୍ଥିତ ଓକାକ ଡୋମେନ ପରାମର୍ଶଦାତାଙ୍କ ସମେତ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ

# କଳିଙ୍ଗନଗର ବୁଲେଟିନ'ର ୧୪ତମ ସ୍ୱନକ୍ଷତ୍ର: ସାମ୍ବାଦିକତାର ପରିଭାଷା କ୍ରମଶଃ ବଦଳୁଛି

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ସାମ୍ବାଦିକତାର ପରିଭାଷା ଧିରେ ଧିରେ ବଦଳିବାର ଲାଗିଛି ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସନ୍ଦୀପ୍ କୁମାର ସହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ। ଡ଼ିଜିଟାଲ ଯୁଗରେ ମୁଦ୍ରିତ ସମ୍ବାଦପତ୍ରର ଚାହିଦା କମିଯାଇଥାଇପାରେ କିନ୍ତୁ ଡ଼ିଜିଟାଲ ମିଡ଼ିଆ କେବେ ହେଲେ ସମ୍ବାଦପତ୍ରର ସ୍ଥାନ ନେଇପାରିବନି । ସମ୍ବାଦପତ୍ର ପ୍ରତି ଯେଉଁ ରୁଚି ପାଠକଙ୍କ ରହିଛି, ତାହା କେବେ ହେଲେ ଡ଼ିଜିଟାଲ ମିଡ଼ିଆ ନେଇପାରିବନି । ହଁ ଏହା ସତ ମୁଦ୍ରିତ ସମ୍ବାଦପତ୍ର ଆଜି ସଂକଟ ଦେଇ ଗତି କରୁଛି, କିନ୍ତୁ ସତ୍ୟ ଏବଂ ପ୍ରକୃତ ଖବର ପରିବେଷଣ ମାଧ୍ୟମ ପାଲଟିଛି । ବ୍ୟାସନଗର ସହରରୁ ପ୍ରକାଶ ପାଉଥିବା ମାସିକ ସମ୍ବାଦ ପତ୍ର କଳିଙ୍ଗନଗର ବୁଲେଟିନର ୧୪ ତମ ସ୍ୱନକ୍ଷତ୍ର ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ଼.ପ୍ରଦୀପ ବଳସମାନ୍ତ ଏଭଳି ମତବ୍ୟକ୍ତ କରିଛନ୍ତି । ବୁଲେଟିନ ସମ୍ପାଦକ ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାରୋହର ଉଦ୍‌ଘାଟକ ମନ୍ତ୍ରୀ ବଳସାମନ୍ତ ସମ୍ବାଦ ପତ୍ର ଜଡ ବସ୍ତୁ ନୁହଁ ଏକ ଜୀବନ ସତା । ଯେଉଁ ସାମ୍ବାଦିକ ସମ୍ବାଦପତ୍ରରେ କାର୍ଯ୍ୟ କରୁଛନ୍ତି ସେମାନେ ଧନ୍ୟବାଦର ପାତ୍ର । ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ବୁଲେଟିନର ଦୀର୍ଘାୟୁ କାମନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ବ୍ୟାସନଗର ପୌରାଧକ୍ଷ ସୁବାସ ବଳ ଯୋଗ ଦେଇ କଳିଙ୍ଗନଗର ବୁଲେଟିନ ଆମ ଅଞ୍ଚଳର ଗର୍ବ ଓ ଗୌରବ ହୋଇପାରିଛି । ସହଯୋଗୀ ସମ୍ପାଦକ ଶରତ ପଥାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସହ ସମ୍ପାଦକ ରବିନାରାୟଣ କର ସ୍ୱାଗତ ଅଭିଭାଷଣ ରଖିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, ପବିତ୍ର ରଞ୍ଜନ ମହାନ୍ତି, ଡାକ୍ତର ପ୍ରମୋଦ ଶତପଥି, ଚାଟାର୍ଡ଼ ଏକାଉଂଟାଂଟ ମହାମାୟା ପ୍ରତାପ ସ୍ୱାଇଁ, ଶ୍ରମିକ ସାଥି ପ୍ରଣାକୃଷ୍ଣ ମହନ୍ତ, ଅଂଳକରଣରେ ଗିରିଜା ଶଙ୍କର ବେହେରା, ସମାଜସେବା ପାଇଁ ରାଜେନ୍ଦ୍ର କୁମାର ବିଶ୍ୱାଳ, ନବ ଉତ୍କଳ ମହିଳା ସମିତିର ରୀନା ତ୍ରିପାଠୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କଳିଙ୍ଗନଗର ବୁଲେଟିନ ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ଚିକିତ୍ସକ ପ୍ରସନ୍ନ କୁମାର ସାହୁଙ୍କ ସମେତ, ଶିଳ୍ପ ପ୍ରତିନିଧି, ଶ୍ରମିକ ନେତା, ମହିଳା ସଂଗଠନର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟଙ୍ଗକବି ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ ।

# ମହାକାଳପଡାରେ ବିକାଶ କାର୍ଯ୍ୟ ସମୀକ୍ଷା



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ମହାକାଳପଡା ବିଧାୟକ ଡଃ. ଦୁର୍ଗାପ୍ରସନ୍ନ ନାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ସମୀକ୍ଷା କରିଛନ୍ତି। ବୁଧବାର ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମୁଖ୍ୟଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ମହାକାଳପଡା ବିଡିଓଙ୍କ ସମେତ ଡେପୁଟି କଲେକ୍ଟରଙ୍କ ଉପସ୍ଥିତିରେ ତାଙ୍କ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟର ସମୀକ୍ଷା କରିବା ସହକାର୍ଯ୍ୟଗୁଡିକୁ ତୁରନ୍ତ ସମାପ୍ତ କରି ଜନସାଧାରଣଙ୍କ ହିତରେଲ ଗାଇବା ପାଇଁ ପ୍ରକାଶ କରିଥିଲେ ଏବଂ ନୂତନ ଯୋଜନାଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ଜିଲ୍ଲାର ବଡବଡ ପ୍ରକଳ୍ପଗୁଡିକୁ ତୁରନ୍ତ ସମୟ ସୀମା ମଧ୍ୟରେ ତୁରନ୍ତ ସାରିବା ପାଇଁ ଆଲୋଚନା କରିଥିଲେ। ଜିଲ୍ଲାରବିକାଶ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ସହ କୌଣସି ସ୍ଥାନରେ ଯୋଜନାଗୁଡିକୁ ଆଗେଇ ନେବାରେ କୌଣସି ବାଧାବିଘ୍ନ ଆସିଲେ ସେଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି।

# ଧାନ ଗବେଷଣା କ୍ଷେତ୍ରରେ ସମନ୍ୱୟ ସୁଦୃଢ଼ ଗୁରୁତ୍ୱପୂର୍ଣ୍ଣ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ ସଫଳତାର ସହ ଆୟୋଜନ ହୋଇଯାଇଛି। ଯାହା ଧାନ ଗବେଷଣା ଏବଂ ଶିଳ୍ପ କ୍ଷେତ୍ରରେ ସହଯୋଗ ଓ ସମନ୍ୱୟକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଥିଲା। ଏହି ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ତଥା ବୌଦ୍ଧିକ ସମ୍ପତ୍ତି ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳନାର ଡକ୍ଟର ନୀରୁ ଭୂଷଣ ଏବଂ କଟକ ସଦର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ କଟକର ନିର୍ଦ୍ଦେଶକ, ଡ଼ାଃ ଜି. ଏ. କେ. କୁମାର ଅଧ୍ୟକ୍ଷତା କରିଥିଲେ। ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ଭାଷଣରେ କୃଷକମାନଙ୍କ ପାଇଁ ନବସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବା ପାଇଁ ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସେ ରାଜ୍ୟର କୃଷି ଅଭିବୃଦ୍ଧିରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ନିରନ୍ତର ସମର୍ଥନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ସେ ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗୀମାନଙ୍କୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଏବଂ ଧାନ କ୍ଷେତ୍ରରେ ସ୍ଥାୟୀ, କୃଷକ-ଅନୁକୂଳ ବିକାଶ ଦିଗରେ କାର୍ଯ୍ୟ କରିବାକୁ କୃଷକ ମାନଙ୍କୁ ଉତ୍ସାହିତ କରିଥିଲେ। ତେବେ ଗବେଷଣା ଓ ଶିଳ୍ପ ମଧ୍ୟରେ ଥିବା ଦୂରତାକୁ କମାଇ ନବୀନତା, ବ୍ୟବସାୟିକୀ କରଣ ଓ ରଣନୈତିକ ସହଯୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଥିଲା। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଶିଳ୍ପ ନେତା, କୃଷି-ପ୍ରଯୁକ୍ତି ଉଦ୍ୟୋଗ, ଏଗ୍ରି-ଟେକ୍ କମ୍ପାନୀ, ଷ୍ଟାର୍ଟ-ଅପ୍, ନୀତି ନିର୍ଦ୍ଦେଶକ ଓ ବିକାଶ ସଂସ୍ଥାମାନେ ଅଂଶ ଗ୍ରହଣ କରିବା ସହ ୨୦୦ ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ନବଗ୍ରହ ମନ୍ଦିର ପ୍ରାଣ ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା

**ବାରିପଦା, ନ୍ୟୁଜ ବ୍ୟୁରୋ**



ମଧୁବନ ସ୍ଥିତ ମା ଭୈରବୀ ମନ୍ଦିର ପ୍ରାଙ୍ଗଣରେ ନବଗ୍ରହ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ନେଇ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୩୦୦ରୁ ଉର୍ଦ୍ଧ୍ୱ ମା ଓ ଭଉଣୀ ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏନେଇ ବୁଢାବଳଙ୍ଗ ନଦୀର ଅସ୍ତିଆ ପୋଲ ଘାଟରୁ ଘଣ୍ଟ ଘଣ୍ଟା, ଶଙ୍ଖ, ମାଦଳ, ମୃଦଙ୍ଗ ଓ ବାଜା ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଁଚି ଘଟ ସ୍ଥାପନ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ସ୍ଥାନୀୟ ଲୋକଙ୍କ ସମେତ ବାରିପଦା ସହର ବିଭିନ୍ନ ସ୍ଥାନର ସହସ୍ରାଧିକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ଘଟ ସ୍ଥାପନ କରିବା ପରେ ସମସ୍ତଙ୍କ ନିମନ୍ତେ ପ୍ରସାଦ ସେବନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶୁକ୍ରବାର ଠାରୁ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଙ୍କୁରାରୋପଣ, ପଞ୍ଚଗବ୍ୟ, ଶଶ୍ୟାଅଭିଷେକ, ଅଧିବାସ, କୁଣ୍ଡ ମଣ୍ଡଳ ପ୍ରସ୍ତୁତି, କଳସ ଶୋଭାଯାତ୍ରା, କୁଣ୍ଡ ସଂସ୍କାର, ଅଗ୍ନିଆଚ୍ଛାଦନ, ମନ୍ଦିର ପ୍ରତିଷ୍ଠା, ଦେବତା ପ୍ରତିଷ୍ଠା, ଧ୍ୱଜା, ପତାକା, ଚକ୍ରରୋପଣ, ଯଜ୍ଞକର୍ମ, ନବ ଯୌବନ ଦର୍ଶନ, ଶିବ ଶଙ୍କର ଅଭିଷେକ, ଗୌରୀବିଜ ଅଭିଷେକ, ନବଗ୍ରହଙ୍କ ବିଶେଷ ପୂଜା ଓ ଯଜ୍ଞ, ଶିଖରାସ୍ନାନ, ଯୁପ ସ୍ଥାପନ, ମନ୍ଦିର ସମର୍ପଣ ଆଦି କାର୍ଯ୍ୟକ୍ରମ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଉକ୍ତ ଦିନରେ ଜନସାଧାରଣ ନିଜ ସାଧ ମୁତାବକ ଘିଅ, ନଡ଼ିଆ ଓ ଅନ୍ୟାନ୍ୟ ଆହୁତି ସାମଗ୍ରୀ ସହ ବହୁ ସଂଖ୍ୟକ ଲୋକେ ଯଜ୍ଞ ମଣ୍ଡପରେ ଉପସ୍ଥିତ ରହି ପୂର୍ଣ୍ଣାହୁତି ଯୋଗ ଦେବାକୁ ନିବେଦନ କରାଯାଇଛି। ବହୁ ସଂଖ୍ୟକ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇ ନବଗ୍ରହଙ୍କ ଆଶିଷ ଲାଭ କରିବା ସହ ପ୍ରସାଦ ସେବନ କରିବା ନେଇ ମା ଭୈରବୀ, ବାବା ଭୈରବେଶ୍ୱର ଓ ନବଗ୍ରହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ୨୦୨୫-୨୬ ବର୍ଷର ଖରିଫ ଧାନ ସଂଗ୍ରହ ସ୍ଥିତି ସମୀକ୍ଷା କଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲା ରେ ଧାନ ମଣ୍ଡି ଖୋଲିବା ତଥା ଧାନ କିଣା ବିଷୟରେ ସମୀକ୍ଷା କରିଥିଲେ। ଧାନର ରାଇଛ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ ବୋଲି ସେ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ଚଳିତ ବର୍ଷ କଟନି ଛଟନି ପାଇଁ କୌଣସି ସହନଶୀଳତା ନାହିଁ । ଧାନ ସଂଗ୍ରହ ବେଳେ ମିଲର୍ ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଜିଲ୍ଲା ଭିତରେ ଥିବା ମିଲରମାନେ କୁଇଣ୍ଟାଲ ପିଛା ୪ ରୁ ୫ କେଜି ଓ ଦେଉଥିବା ଅଖା ବାବଦକୁ ୬ ସହ ରୁ ୭ ସହ ଧାନ କାଟୁଥିବା ଜଣାପଡିଛି । ମିଲର ଓ ସୋସାଇଟି ସମ୍ପାଦକଙ୍କ ମିଳାଜୁଳା ଚାଷୀଙ୍କୁ ଶୋଷଣ କରୁଥିବା ଦେଖିବାକୁ ମିଳିଛି । ଚାଷୀ ସବୁ ଜାଣି କେମିତି ତାହାର ଧାନ ଉଠିବ ସେଥିପାଇଁ ଚୁପ ରହିବାକୁ ବାଧ୍ୟ ହେଉଛି । ମିଲର ଯେଉଁ ଅଖା ଦେଉଛି ତାହା କେତକ କ୍ଷେତ୍ରରେ ଖରାପ ଅଖା ରହୁଥିବାରୁ ଚାଷୀମାନେ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ରେ ମିଲର ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇଦେବାକୁ ମନ୍ତ୍ରୀ ନିର୍ଭର ପ୍ରତିଶୃତି ଦେଇଥିଲେ। ଏଥିସହିତ ଜିଲ୍ଲାର ଯୁବ ଉଦ୍ୟୋଗୀ ମାନଙ୍କୁ ମଧ୍ୟ ମିଲର ହେବାପାଇଁ ଉପଦେଶ ଦେଇଥିଲେ। ମଡେଲ ମଣ୍ଡିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଜିଲ୍ଲାରେ ମନୋନୀତ ମିଲର ମାନଙ୍କୁ ସେମାନଙ୍କ ଜଣାଶୁଣାରେଥିବା ଅନ୍ୟ ମିଲର୍ ମାନଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବା ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାପାଳ ତଥା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ, ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି। ଏଥିସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ସେ ଉପଦେଶ ଦେଇଥିଲେ। କୌଣସି ଅସୁବିଧା ର ସମ୍ମୁଖୀନ ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ୍ ଋତୁ ପାଇଁ ମୋଟ୍ ୪୯୬୮୫ କୃଷକ ପଞ୍ଜୀକୃତ କରିଛନ୍ତି। ଗତ କାଲି ସୁଦ୍ଧା ଜିଲ୍ଲାରେ ସର୍ବମୋଟ୍ ୧୧୩ ଟି ମଣ୍ଡିରେ ୨୦ ଜଣ ମିଲର୍ ଅଂଶ ଗ୍ରହଣ କରି ୬,୩୯,୩୨୨.୧୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଛନ୍ତି। ୧୬,୫୦୨ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୪,୪୫୯ ଜଣ ସରକାରଙ୍କ ନିର୍ଦ୍ଧାରିତ ଏମ ଏସ ପି ମୂଲ୍ୟ ପ୍ରାପ୍ତ କରିସାରିଛନ୍ତି । ଗତ ବର୍ଷ ଜିଲ୍ଲାରେ ୧୭,୧୪,୯୦୩.୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୧୮ ରୁ ୧୯ ଲକ୍ଷ ଧାନ ସଂଗ୍ରହ ପାଇଁ ଟାର୍ଗେଟ ପ୍ରାପ୍ତ ପାଇଁ ପ୍ରଚେଷ୍ଟା କରାଯାଉଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସହକାରୀ ନିବନ୍ଧକ କୋ ଅପରେଟିଭ ସୋସାଇଟି, ଜିଲ୍ଲା ପଞ୍ଚାୟତ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ସମସ୍ତ ବିଡିଓ, ମିଲର, ବୁଦ୍ଧିଜୀବି ପ୍ରମୁଖ ଏହି ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ବାରଙ୍ଗ ପ୍ରେସ କ୍ଲବର ବନ୍ଧୁ ମିଳନ

## 'ସମାଜ ପ୍ରତି ସାମ୍ବାଦିକମାନଙ୍କ ଦାୟିତ୍ୱବୋଧ ସ୍ମରଣୀୟ'

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**



ବାରଙ୍ଗ ସ୍ଥିତ ମା' ସାରଙ୍ଗେଇ ପୀଠ ପରିସରରେ ବାରଙ୍ଗ ଅଞ୍ଚଳର ସର୍ବ ପୁରାତନ ପ୍ରେସ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ପ୍ରେସ କ୍ଲବର ସଭାପତି ଲିଙ୍ଗରାଜ ରାଉତଙ୍କ ଅଧ୍ୟକ୍ଷତାରେ ସମସ୍ତ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅଞ୍ଚଳର ସମସ୍ତ ଘଟଣାବଳୀ ଓ ଖବରକୁ ପ୍ରଶାସନ, ସରକାରଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟ ସମ୍ପାଦନ କରିଆସୁଛି ବାରଙ୍ଗ ପ୍ରେସ କ୍ଲବ ସମସ୍ତ ସାମ୍ବାଦିକ। ସାମ୍ବାଦିକର କଲମ ମୁନରେ ସମ୍ପୂର୍ଣ୍ଣ ସମାଜର ଦୃଷ୍ୟପଟ ଆଙ୍କି ହୋଇଯାଏ । ତାଙ୍କର ତ୍ୟାଗ ଓ ବଳିଦାନକୁ ପ୍ରକୃତରେ କେହି ବୁଝିପରିନାହାନ୍ତି କି ବୁଝିବାକୁ ମଧ୍ୟ ଚେଷ୍ଟା କରୁନାହାନ୍ତି। ବିଭିନ୍ନ ସମୟରେ ସାମ୍ବାଦିକମାନେ ଅନେକ ସମୟରେ ଦୁର୍ନୀତି, ଖଣି ମାଫିଆ ,ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣି ହିଂସା ତଥା ଆକ୍ରୋଶର ଶିକାର ହୋଇଥାଏ। ହେଲେ ସମାଜ ପ୍ରତି ଥିବା ଦାୟିତ୍ୱ ଆଉ କର୍ତ୍ତବ୍ୟକୁ ସେ କେବେ ଭୁଲି ନଥାନ୍ତି । ଯାହାକୁ ନେଇ ଏହି ବନ୍ଧୁ ମିଳନ କାର୍ଯ୍ୟ କ୍ରମରେ ବାରଙ୍ଗ ପ୍ରେସକ୍ଲବର ସମସ୍ତ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ରହି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସମୟରେ ସାମ୍ବାଦିକମାନେ ବହୁତ ସଂଘର୍ଷ ପୂର୍ଣ୍ଣ ଭାବରେ ଜୀବନ ଅତିବାହିତ କରୁଛନ୍ତି। ଅନ୍ୟ ରାଜ୍ୟ ପରି ଯଦି ଆମ ଓଡ଼ିଶା ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ବ୍ୟବସ୍ଥା , ସରକାରୀ ପେନସନ,କ୍ୱାଟର ଆଦିର ବ୍ୟବସ୍ଥା କରନ୍ତୁଅନ୍ତା ସାମ୍ବାଦିକ ମାନଙ୍କ ର କିଛିମାତ୍ରାରେ ଦୁଃଖକଷ୍ଟ ଲାଘବ ହୋଇପାରନ୍ତା ଏବଂ ସରକାର ସାମ୍ବାଦିକ ମାନଙ୍କର ସରକାରୀ ପେନ୍ ସନ୍ ଯୋଗାଇ ଦେଲେ କିଛି ମାତ୍ରାରେ ଆର୍ଥିକ ସ୍ଥିତିର ଉନ୍ନତି ହୋଇପାରିବ ବୋଲି ସାମ୍ବାଦିକ ମାନେ ମତ ରଖିଥିଲେ । ଆଗାମୀଦିନରେ ଏ ସବୁର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କ୍ଲବ ପକ୍ଷରୁ କୁହା ଯାଇଥିଲା । ଅନ୍ୟପଟେ ପଲିଥିନ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ ସାମ୍ବାଦିକ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ତ୍ରିଲୋଚନ ଦାସ, ପ୍ରକାଶ ଚନ୍ଦ୍ର ସାହୁ, କମଳାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ ଅଜୟ କୁମାର ରାଉତ, ସଚ୍ଚିଦାନନ୍ଦ ପଢିଆରି, ସନ୍ତୋଷ କୁମାର ମଲ୍ଲିକ, ତାପସ ଜେନା, ଗୌତମ ରାଉତ, ସଂଗ୍ରାମ କିଶୋର ଦାସ, ଲୋଚନ ମୁଦୁଲି, ସନ୍ତୋଷ କୁମାର ରାଉତ, ପ୍ରଦୀପ ସ୍ୱାଇଁ, ଶେଷଦେବ ବଡ଼ଜେନା, ଅନନ୍ତ ସ୍ୱାଇଁ,ସେକ୍ ଅବଦୁଲ ମୁନାବ, ଦେବରାଜ ସାହୁ, ଜିତେନ୍ଦ୍ର ସାମଲ, ସୁଶାନ୍ତ ପରିଡ଼ା, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





# କଟକ ଦହିବରା ଜାତୀୟ ସ୍ତରରେ ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଭାଇଚାରା ପରମ୍ପରାର ସ୍ୱତନ୍ତ୍ରତା ଭଳି କଟକ ଦହିବରା ଆଳୁଦମର ମଧ୍ୟ ଏକ ନିଆରା ସ୍ୱାଦ ରହିଛି । ସମଗ୍ର ରାଜ୍ୟ ତଥା ଦେଶ ବିଦେଶରେ ଏହି ଖାଦ୍ୟର ବିଶେଷ ପ୍ରଚାର ପ୍ରସାର ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗରେ ମାର୍ଚ୍ଚ ୧ ତାରିଖରେ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଉଛି । ଏହି ଅବସରରେ ବାଲିଯାତ୍ରା ତଳ ପଡିଆ ସ୍ଥିତ କଟକ ଇନ୍ କଟକ ଠାରେ କଟକ ଦହିବରା ଆଳୁଦମ୍ ଦିବସ ପାଳନ କରାଯାଇଛି । କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗଦେଇ ଦହିବରା ଆଳୁଦମ୍ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ । ଯିଏ ଯେଉଁଠି ଥାଉ ନା କାହିଁକି କଟକକୁ ଆସିଲେ ପ୍ରଥମେ ଦହିବରା ଆଳୁଦମ୍ ହିଁ ଖୋଜିଥାଏ । ଦହିବରା ଏବେ କେବଳ କଟକରେ ସୀମିତ ହୋଇ ରହିନାହିଁ ଏହା ଦେଶ ବିଦେଶରେ ମଧ୍ୟ ନାଁ କରିସାରିଲାଣି । ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ଦହିବରା ବ୍ୟବସାୟୀ ମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ, ରୌପ୍ୟ ନଗରି କଟକ ସହରର ଅନ୍ୟତମ ପରିଚୟ ହେଉଛି ଦହିବରା ଆଳୁଦମ୍ । ଏଠାକାର ବାଣିଜ୍ୟ କାରବାର ସହ ବିଭିନ୍ନ ପରମ୍ପରା ତଥା ପର୍ବପର୍ବାଣୀ ପାଳନ ହୋଇଆସୁଥିବା ବେଳେ ଗତବର୍ଷ ଠାରୁ ମାର୍ଚ୍ଚ ୧ ତାରିଖକୁ ଦହିବରା ଆଳୁଦମ୍ ଦିବସ ଭାବେ ପାଳିତ ହୋଇ ନୂତନ ପରମ୍ପରା ସୃଷ୍ଟି କରିପାରିଛି ବୋଲି ଜିଲ୍ଲାପାଳ ଏହି ଅବସରରେ କହିଛନ୍ତି । କାର୍ଯ୍ୟକ୍ରମ ଅବସରରେ ବରିଷ୍ଠ ଅଭିନେତା ଶ୍ରୀତମ ଦାସ, ଅରିନ୍ଦମ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠିତ ଦହିବରା ଉତ୍ସବରେ କଟକର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ଷ୍ଟଲ୍‌ମାନ ଖୋଲିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶଗ୍ରହକାରୀ ଦହିବରା ବ୍ୟବସାୟୀ ଓ ଫୁଡ୍ ବ୍ଲଗରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରୋତ୍ସାହନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଦହିବରା ଦିବସର ନୋଡାଲ୍ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କାର୍ଯ୍ୟ କରିଥିଲେ ।

# ୧୫ଶହ ଏକର ଶାମୁକା ପ୍ରକଳ୍ପରେ ହଜାର କୋଟି ଟଙ୍କାରେ ଟୁରିଷ୍ଟ ଟର୍ମିନାଲ ନିର୍ମାଣ ହେବ:ଉପମୁଖ୍ୟମନ୍ତ୍ରୀ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ପର୍ଯ୍ୟଟନ ଓ ତୀର୍ଥସ୍ଥଳୀ ପୁରୀ । ପୁରୀରେ ପର୍ଯ୍ୟଟନର ବିକାଶ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ । ମଙ୍ଗଳା ମୁହାଣ ଠାରୁ ହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ୧୫ ଶହ ଏକର ଜମିରେ ଟୁରିଷ୍ଟ ଟର୍ମିନାଲ୍ ନିର୍ମାଣ କରାଯିବ । ଦେଶ ବିଦେଶର ବିଭିନ୍ନ ହୋଟେଲ୍ ଶିଳ୍ପର ମାଲିକମାନେ ଏଠାରେ ୧୫ ହଜାରରୁ ଅଧିକ ହୋଟେଲ୍ ନିର୍ମାଣ କରି ବିଶ୍ୱସ୍ତରୀୟ ହୋଟେଲ୍ ଶିଳ୍ପକୁ ମାନ୍ୟତା ଦିଆଯିବ । ଆମେରିକାର କାରାଭାନ ସେଣ୍ଟର ପରି ବିଶ୍ୱସ୍ତରୀୟ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣ ହେବ । ଯାହାଫଳରେ ହଜାର ହଜାର ଯୁବକ ନିଯୁକ୍ତି ପାଇବା ସହ ରାଜ୍ୟ ଓ ଦେଶର ଅର୍ଥନୀତି ଅଭିବୃଦ୍ଧି ଘଟିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡା ମତବ୍ୟକ୍ତ କରିଛନ୍ତି । ଏଥିରେ ଅତ୍ୟାଧୁନିକ ସିନେମା ହଲ୍, ଗର୍ଲଫ, ସୁଇମିଙ୍ଗ ପୁଲ୍ ପର୍ଯ୍ୟଟକଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିବ । ରବିବାର ପୂର୍ବାହ୍ନରେ ସ୍ଥାନୀୟ ହଲିଡେ ରିସୋର୍ଟ ଠାରେ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ ଓଡ଼ିଶାର ୪୦ ତମ ପ୍ରତିଷ୍ଠା ଦିବସରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଯୋଗଦେଇ କହିଥିଲେ । ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପୁରୀରେ ପର୍ଯ୍ୟଟନ ସହ ଧାର୍ମିକ କ୍ଷେତ୍ରର ସୁଯୋଗ ରହିଛି । ହୋଟେଲ ଶିଳ୍ପ ବୃଦ୍ଧି ପାଇଁ ଅନେକ ସୁଯୋଗ ରହିଛି । ହାରୋ ପର୍ଯ୍ୟଟକଙ୍କ ଖୁସି ପାଇଁ ଏକ ପ୍ରେରଣାଦାୟକ ମଞ୍ଚ ହୋଇଛି । ଆମେରିକାର ଡିଜିନଲ୍ୟାଣ୍ଡର ୨୫ ମହଲା ଉପରୁ ଜଣେ ୭୦ ବର୍ଷୀୟ ବୃଦ୍ଧ ପର୍ଯ୍ୟଟକ ପିଲାଙ୍କ ପରି ସୁଇମିଙ୍ଗ ପୁଲ୍‌ର ମଜା ନେଇପାରୁଛି । ପୁରୀର ରେଲୱେ ଷ୍ଟେସନ, ଏୟାରପୋର୍ଟ ଓ ରାସ୍ତାଘାଟର ଉନ୍ନତି କରାଯିବ । ୨୫ ମହଲା କୋଠାରେ ରହିଲେ ପର୍ଯ୍ୟଟକ ଖୁସି ହେବେନି ସେମାନଙ୍କ ଆତିଥ୍ୟତା ବ୍ୟବହାର ଓ ସହଯୋଗର ହାତ ବଢ଼ାଇଲେ ସେମାନେ ଖୁସିବ୍ୟକ୍ତ କରିବେ । ଡିଜିଟାଲ୍ ମିଡିଆ, ସୋସିଆଲ ମିଡିଆ, ଟ୍ୱିଟର ଓ ଇନ୍‌ଷ୍ଟାଗ୍ରାମ୍‌ରେ ଓଡ଼ିଶାର ପର୍ଯ୍ୟଟନକୁ ପ୍ରଚାର କରିପାରିଲେ ବିଶ୍ୱବ୍ୟାପି ପର୍ଯ୍ୟଟକ ପୁରୀକୁ ଆସିବେ । ଓଡ଼ିଶାର ପାରମ୍ପାରିକ ବେଶ ପୋଷାକ, କୁର୍ତ୍ତା ପାଇଜାମା, ପାଟଶାଢ଼ୀ ଓ ଧୋତି ପିନ୍ଧି ହୋଟେଲରେ ପର୍ଯ୍ୟଟକଙ୍କ ସ୍ୱାଗତ କରାଯିବା ପାଇଁ ପରାମର୍ଶ ଦେଇଥିଲେ । ପୁରୀ ବିଧାୟକ ସୁନିଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ପର୍ଯ୍ୟଟନ କ୍ଷେତ୍ର ପାଇଁ ଚଳିତ ବଜେଟ୍‌ରେ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ପୁରୀରେ ଭିତ୍ତିଭୂମି ରହିଛି । ଏହାର ଉନ୍ନତି କରାଗଲେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ନାମ ରହିବ । ହାରୋ ଚେୟାରମ୍ୟାନ ଜିତେନ୍ଦ୍ର କୁମାର ମହାନ୍ତି ଅନେକ ଗୁଡିଏ ଗଠନମୂଳକ ପ୍ରସ୍ତାବ ଦେବା ସହ ଆମେରିକାର ପର୍ଯ୍ୟଟନ ଶିଳ୍ପ ଏକ ଟିମ୍ ପରିଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଶାମୁକା ପ୍ରକଳ୍ପରେ ମେଗା ଟୁରିଜିମ୍ ଆରମ୍ଭ ହେବ । ବୁଦ୍ଧିଷ୍ଟ ଟୁରିଜିମ୍ କରାଗଲେ ଅଧିକ ବୁଦ୍ଧିଷ୍ଟ ପର୍ଯ୍ୟଟକ ଓଡ଼ିଶାକୁ ଆସିପାରିବେ । ଏହି ଅବସରରେ ହାରୋର ଫାଉଣ୍ଡର ମେମ୍ବରଙ୍କ ସ୍ମୃତିରେ ସେମାନଙ୍କ ସମ୍ପର୍କୀୟ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ହାରୋର ଭାଇସ୍ ଚେୟାରମ୍ୟାନ ରାଜକିଶୋର ପାତ୍ରଙ୍କ ସମେତ ହାରୋର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ନୂଆପଡ଼ା ଜିଲ୍ଲାରେ କଲରାପତରିଆ ବାଘ ଆତଙ୍କ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

କିଛିଦିନର ବ୍ୟବଧାନ ପରେ ପୁଣି ନୂଆପଡ଼ା ଜିଲ୍ଲାରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି । ଏହି ବାଘ ବୁଲୁଥିବା ନେଇ ଭିଡିଓ ବିଭିନ୍ନ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଯାହାଫଳରେ ଏହି ଖବର ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକମାନେ ବେଶ୍ ଆତଙ୍କିତ ହୋଇପଡିଛନ୍ତି । ସୂଚନା ଅନୁଯାୟୀ, ରାତିରେ ସୋସେଙ୍ଗ ଗାଁର କମଳନାଥ ମାଝି (୩୦) କୌଣସି କାମରେ ଏକ କାର୍ ଯୋଗେ ନୂଆପଡା ଯାଉଥିଲେ । ସେହି ସମୟରେ ଏକନ ଗୋଡିଆ ଘାଟି ତଳକୁ ହଲୁଆପାଲି-କେରମେଲି ନୂଆପଡା ରାସ୍ତାରେ ଦୁଇଟି କଲରା ପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ । ସେ ଭୟଭୀତ ଅବସ୍ଥାରେ ଗାଡିକୁ ରାସ୍ତାରେ ଅଟକାଇ ମୋବାଇଲ୍‌ରେ ଭିଡିଓ ସୁଟ୍ କରିଥିଲେ । ସେହି ସମୟରେ ଗୋଟିଏ ବାଘ ଜଙ୍ଗଲ ଭିତରକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘ ରାସ୍ତା କଡରେ ବସିରହିଥିଲା । ପ୍ରାୟ ଅଧଘଣ୍ଟା ପରେ ବାଘ ରାସ୍ତାରୁ ଜଙ୍ଗଲକୁ ଚାଲିଯିବା ପରେ କମଳ ଗାଡି ଧରି ନୂଆପଡା ପଟେ ଯାଇଥିଲେ । ଆଖି ସାମ୍ନାରେ ବାଘ ଦେଖିଥିବା କମଳ ରାତିରେ ଘରକୁ ନଫେରି ସକାଳେ ଫେରିଥିଲେ । ମୋବାଇଲ୍‌ରେ କଏଦ୍ ହୋଇଥିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ବନବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ସମୟ । ମହୁଲ ଫୁଲ ଖାଇବା ପାଇଁ ଗାଇ, ବାଛୁରୀ, ଛେଳି, ମେଣ୍ଢା ଗଛ ତଳେ ଗୋଠ ହୋଇ ରହନ୍ତି । ବାଘକୁ ଶିକାର କରିବା ସହଜ ହୋଇଥାଏ । ସେଥିପାଇଁ ବାଘ ଜଙ୍ଗଲରୁ ପଦାକୁ ଆସୁଛି ବୋଲି ଅନୁମାନ କରାଯାଉଛି । ଖବରପାଇ କୋମନା ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିବା ସହ ପାହାଡ ତଳି ଗାଁଗୁଡିକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଥିବା ସୂଚନା ମିଳିଛି ।

# ଜାତୀୟ ଏଚ୍‌ପିଭି ଟୀକାକରଣ ଅଭିଯାନ ଆରମ୍ଭ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ଏଚ୍‌ପିଭି ଟୀକାକରଣ ଅଭିଯାନ-୨୦୨୬ ଉଦ୍ଘାଟନୀ ଉତ୍ସବ ଓ ସଚେତନତା ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନାରାୟଣଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହିତ ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ପରେଶ ନନ୍ଦୀ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର ନିୟୋଜନ, ଡାକ୍ତର ସଞ୍ଜୀବ ପ୍ରଧାନ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ, ଚକ୍ରଧର ଜେନା, ଡିପିଏମ୍, ଜିତେନ୍ଦ୍ର ବିଶ୍ୱାଳ, ଡିଏମ୍‌ଆରସିଏଚ୍, ରଞ୍ଜନକୁମାର ମହନ୍ତ, ଡିଭିଏଲ୍‌ଏମ୍, ସଚ୍ଚିଦାନନ୍ଦ ପାଢ଼ୀ, ଡାକ୍ତରଖାନା ପରିଚାଳକ, ବିଶ୍ୱରଞ୍ଜନ ନାୟକ, ଡିପିସି ଯକ୍ଷ୍ମା, ମନୋଜ କୁମାର ଦାସ, ରଞ୍ଜିତାରାଣୀ ସାହୁ, ନୀଳାଦ୍ରି ଜେନା, ଭବାନୀ ଶଙ୍କର ମହନ୍ତ, ଦେବାଶିଷ ପ୍ରଧାନ ସହିତ ଆଶାକର୍ମୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଦୀର୍ଘ ୩ମାସ ଧରି ଚାଲୁରହିବ । ପ୍ରଥମ ମାସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ହେବାର କାର୍ଯ୍ୟକ୍ରମ ରହିଛି । ପରବର୍ତ୍ତୀ ୨ମାସ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଟୀକାକରଣ ହେବ । ଏହା ମୁଖ୍ୟତଃ ଝିଅପିଲା ଯେଉଁମାନେ ୧୪ତମ ଜନ୍ମ ଦିବସ ପାଳନ ପରେ ମାତ୍ର ୧୫ତମ ଜନ୍ମ ଦିବସ ପାଳନ ହୋଇନଥିବ ସେହିମାନେ ଟୀକା ନେଇପାରିବେ । ଏହା ମୁଖ୍ୟତଃ ଗୋଟିଏ ମାତ୍ରା ଦିଆଯିବ । ଯୌନ ସଂପର୍କ ପୂର୍ବରୁ ଏହି ଟୀକା ନେଲେ ଜରାୟୁ ଗ୍ରିବା କର୍କଟ ରୋଗରୁ ସୁରକ୍ଷା ଅଧିକ ଫଳପ୍ରଦ ହେବ । ଏବେ ଗାଡାସିଲ ୪ (୬-୧୧-୧୬-୧୮) ଟୀକା ଦିଆଯାଉଛି । ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏହି ତିନି ମାସ ମଧ୍ୟରେ ୨୫ହଜାର ୭୩୪ଜଣଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ୩୦ଜଣ ଝିଅପିଲାଙ୍କୁ ସଫଳତାର ସହିତ ଟୀକାକରଣ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ଜିତେନ୍ଦ୍ର ବିଶ୍ୱାଳ, ଡିଏମ୍‌ଆରସିଏଚ୍ ଧନ୍ୟବାଦ ଜଣାଇଥିଲେ ।

# ମାଲକାନଗିରି ଜିଲ୍ଲା ପାଇଁ ଗୌରବ:ସୌମ୍ୟରଞ୍ଜନ ଓସିଏ ଅମ୍ପାୟାର ପରୀକ୍ଷାରେ ଉତ୍ତୀର୍ଣ୍ଣ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରୁ ରାଜ୍ୟସ୍ତରୀୟ କ୍ରିକେଟ୍ ମଇଦାନକୁ ଓହ୍ଲାଇବେ ନୂଆ ଅମ୍ପାୟାର । କଠିନ ପରିଶ୍ରମ ଓ କ୍ରିକେଟ ପ୍ରତି ଥିବା ନିଷ୍ଠା ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବଡ ସଫଳତା ଆଣିଦେଇଛି । ଓଡ଼ଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଅମ୍ପାୟାର ପରୀକ୍ଷା ୨୦୨୫ରେ ଜିଲ୍ଲାର କ୍ରୀଡା ପ୍ରତିଭା ସୌମ୍ୟରଞ୍ଜନ ପ୍ରଧାନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨୫ ଜଣ ପ୍ରତିଯୋଗୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଏଥିରେ କାଲିମେଳାର ସୌମ୍ୟରଞ୍ଜନ ପ୍ରଧାନ ୬ ନଂ ସ୍ଥାନରେ ରହି କୃତିତ୍ୱ ଅର୍ଜନ କରିଛନ୍ତି । ଓସିଏ ତରଫରୁ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ୍ ୧୫୦ ନମ୍ବରରୁ ସୌମ୍ୟରଞ୍ଜନ ୧୧୨ ନମ୍ବର ରଖିଥିବା ଜଣାପଡ଼ିଛି । ଏହି ସଫଳତା ପାଇଁ ତାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଥିବା ବେଳେ ପୁଅର ଏହି ଉପଲବ୍ଧି ଉଭୟ ପିତା ମାତାଙ୍କ ଦୀର୍ଘ ଦିନର ସଂଘର୍ଷର ଫଳ ଦେବା ସହ ଉଭୟ ପିତା ମାତା ଓ ସୌମ୍ୟରଞ୍ଜନଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିଛି । ଆଗାମୀ ଦିନରେ ସେ ଓଡ଼ିଶା କ୍ରିକେଟର ବିଭିନ୍ନ ମ୍ୟାଚ୍ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଲୋକେ ଆଶା ରଖିଛନ୍ତି ।

# ସିନ୍ଦୁରିଆ ରାସ୍ତାରୁ ଗୋମାଂସ ବେପାରୀକୁ ଲୋକେ ଧରିଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ସିନ୍ଦୁରିଆ ଗ୍ରାମ ରାସ୍ତାରୁ ବେଆଇନ୍ ଗୋମାଂସ ଚାଲାଣକାରୀକୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି । ସୂଚନା ଅନୁଯାୟୀ ବେପାରୀ ଜଣକ ସକାଳ ସମୟରେ ରାସ୍ତାରେ ଯାଉଥିବାବେଳେ ସନ୍ଦେହରେ ସ୍ଥାନୀୟ ଲୋକେ ତାକୁ ଧରିଥିଲେ । ବ୍ୟାଗ୍‌ରେ ମାଂସ ଥିବା ଜଣାପଡ଼ିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲା ଓ ପରେ ବ୍ୟବସାୟୀକୁ ଥାନାକୁ ନେଇ ତଦନ୍ତ କରୁଛି ।

# ଖାଦାନରେ ପଥର ଖସି ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ପଥର ଖାଦାନରେ ଜଣେ ଶ୍ରମିକର ମୃତ୍ୟୁ ପରେ ରବିବାର ପୂର୍ବାହ୍ନରେ ଜେନାପୁର ଥାନା ଅନ୍ତର୍ଗତ ଢେଙ୍କାନାଳ ବାରମାଣ ରାସ୍ତାରେ ସ୍ଥାନୀୟ ଲୋକମାନେ ଶବ ରଖି ୩ ଘଣ୍ଟା ଧରି ଜାମ୍ କରି ରଖିଥିଲେ । ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ରାସ୍ତାରୁ ଲୋକମାନେ ଉଠିଥିଲେ । ସୂଚନା ଅନୁଯାୟୀ ଧର୍ମଶାଳା ତହସିଲ ଅଧିନ ମାଳଗଡା ବେଆଇନ୍ ପଥର ଖଦାନରେ ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମର ଅରୁଣପ୍ରଧାନ ଖାଦାନରେ କାମ କରିଥିବାବେଳେ ତାଙ୍କ ଉପର ପଥରଖଣ୍ଡ ପଡିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ରବିବାର ଦିନ ସ୍ଥାନୀୟ ଲୋକମାନେ ଶବକୁ ରାସ୍ତା ଉପରେ ରଖି କ୍ଷତିପୂରଣ ପାଇଁ ଦାବି କରି ଅଡିବସିଥିଲେ । ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି ।



# ହେପାଟାଇଟିସ୍ ବି ଓ ସିର ଚିହ୍ନଟ ଶିବିର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍.ଭି.ଏଚ୍.ସି.ପି) ଜଗତସିଂହପୁର ତରଫରୁ, ୨୭.୦୨.୨୦୨୬ ତାରିଖ ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଣିଜଙ୍ଗାର ସହଯୋଗରେ କେଉଟସାହି, କ୍ରିଷ୍ଣାନନ୍ଦପୁର ଠାରେ ଏକ ହେପାଟାଇଟିସ୍ ବି ଓ ସିର ଚିହ୍ନଟ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ) ଜଗତସିଂହପୁରର ମାଇକ୍ରୋ ବାୟୋଲୋଜିଷ୍ଟ, ଲ୍ୟାବ୍-ଟେକ୍‌ନିସିଆନ୍ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସେଠାରେ କାମ କରୁଥିବା ୮୪ ଜଣ ଉଚ୍ଚ ବିପଦପୂର୍ଣ୍ଣ ଗୋଷ୍ଠୀ ଲୋକ ମାନଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ ଏବଂ ପରେ ପରବର୍ତ୍ତୀ ପରୀକ୍ଷାରୁ ୮୪ଟି ଯାକ ରକ୍ତନମୁନାର ନେଗେଟିଭ୍ ଫଳାଫଳ ପ୍ରାପ୍ତ ହୋଇଥିଲା ।

# ଗଞ୍ଜାମ ଜିଲ୍ଲାରେ ପୁଣି ନିଷିଦ୍ଧ ପାଣି ପାଉଚ୍‌ର ଆବିର୍ଭାବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସହର ତଥା ଗଞ୍ଜାମ ଜିଲ୍ଲାକୁ ଫେରିଛି ପୁଣି ପାଣି ପାଉଚ୍ ଯୁଗ । ଯେଉଁ ପାଣି ପାଉଚ୍ ବ୍ୟବହାରକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବାରଣ କରିଛନ୍ତି, ସେହି ପାଣି ପାଉଚ୍ ଏବେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ଭୋଜି କାର୍ଯ୍ୟରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ମନ୍ଦିରରେ ପ୍ରସାଦ କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳରେ ଛୋଟ ଛୋଟ ଭୋଜିରେ ପାଣି ପାଉଚ୍ ବ୍ୟବହାର କରାଯାଉଛି । ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ ପଲିଥିନ୍ ବ୍ୟାଗ୍ ସମେତ ପ୍ୟାକେଟ୍ ପାଣି ଉତ୍ପାଦନ, ବିକ୍ରି ଏବଂ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା । କୌଣସି ପ୍ରକାରର ପ୍ଲାଷ୍ଟିକ୍ ପାଉଚ୍‌ରେ ପାନୀଜୟ ଜଳ ବିକ୍ରି କରାଯାଇ ପାରିବନାହିଁ ବୋଲି କୁହାଯାଇଥିଲା । ୨୦୦ ମିଲିଲିଟରରୁ କମ୍ କ୍ଷମତା ବିଶିଷ୍ଟ ପାଣି ବୋତଲ ପାଣି ଉପରେ ମଧ୍ୟ କଟକଣା ଲଗାଯାଇଥିଲା । ଖାଦ୍ୟ ସାମଗ୍ରୀ ପ୍ୟାକ୍ କରିବା ପାଇଁ ୫୦ ମାଇକ୍ରୋନ୍‌ରୁ କମ୍ ମୋଟେଇର ପଲିଥିନ୍ ସିଟ୍ ବ୍ୟବହାରକୁ ବାରଣ କରାଯାଇଥିଲା । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଯଥା ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍ ଏବଂ ଥର୍ମୋକୁଲ୍ ଜନିତ ସାଜସଜ୍ଜା ସାମଗ୍ରୀ ଆଦି ନିଷିଦ୍ଧ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସେହି ସମୟରେ ବିଭିନ୍ନ ଦୋକାନ, ବଜାର ଓ ପ୍ରସ୍ତୁତକର୍ତ୍ତା ଉପରେ ଚଢ଼ଉ



କରାଯାଇଥିଲା । ଏହାପରେ ଗଞ୍ଜାମରୁ ପାଣି ପାଉଚ୍ ଏକ ପ୍ରକାର ଉଭାନ୍ ହୋଇଯାଇଥିଲା । ବଜାରରେ ୨୦ ଟଙ୍କିଆ ପାଣି ବୋତଲ ଓ ୫ ଟଙ୍କିଆ ପାଣି ବୋତଲ ଉପଲବ୍ଧ ହୋଇଥିଲା । ହେଲେ ଏବେ କିଛି ମାସ ହେବ ସେହି ନିଷିଦ୍ଧ ପାଣି ପାଉଚ୍ ପୁଣିଥରେ ଜିଲ୍ଲାକୁ ଫେରିଛି । ୩ ଦିନ ତଳେ ବ୍ରହ୍ମପୁରର ଏକ ମନ୍ଦିରରେ ପ୍ରସାଦ ସେବନ ସମୟରେ ଶସ୍ତା ପାଣି ପାଉଚ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥିଲା । ଯାଞ୍ଚ ପରେ ସେହି ପାଣି ପାଉଚ୍ ବାଲେଶ୍ୱର ଜିଲ୍ଲାରେ ପ୍ରସ୍ତୁତ ହୋଇଥିବା ସେଥିରେ ଲେଖାଯାଇଥିବା ଜଣାପଡ଼ିଥିଲା । ହେଲେ ସେଥିରେ ପ୍ରସ୍ତୁତ ତାରିଖ ଓ ଅବଧି ଶେଷ ତାରିଖ ନଥିଲା । ସେହିପରି ଏହାର କିଛି ଦିନ ପୂର୍ବରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ମଧ୍ୟ ପାଣି ପାଉଚ୍ ବ୍ୟବହାର ହେଉଥିବା ନଜରକୁ ଆସିଛି । ବିବାହ ଋତୁ ଏବଂ ଖରାଦିନ ଆରମ୍ଭ ହେଉଥିବାରୁ ସହର ସମେତ ଗ୍ରାମାଞ୍ଚଳରେ ଶସ୍ତା ପାଣିର ଚାହିଦା ବହୁତ ଅଧିକ ରହୁଛି । ଭୋଜିଭାତ, ପ୍ରସାଦ ସେବନ ବେଳେ ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ଆୟୋଜକଙ୍କ ଅଧିକ ଟଙ୍କା ଓ ପରିଶ୍ରମ କରିବାକୁ ପଡୁଥିବାରୁ ଏହାର ବିକଳ୍ପ ଭାବେ ୨ ଟଙ୍କିଆ ପାଣି ପାଉଚ୍ ଯୋଗାଇ ଦିଆଯାଉଛି । ଏହି ପାଣି ପାଉଚ୍ ଲୋକଙ୍କ ସ୍ୱାର୍ଥ ପାଇଁ ଅହିତକର । ଏହି ପାଉଚ୍ ଯେତେବେଳେ ଖରାରେ କିମ୍ବା ଗରମ ପରିବେଶରେ ରଖାଯାଏ, ପ୍ଲାଷ୍ଟିକ୍‌ର କ୍ଷତିକାରକ କଣିକାଗୁଡ଼ିକ ପାଣିରେ ମିଶିଯାଏ । ପ୍ଲାଷ୍ଟିକ୍‌ରୁ ନିର୍ଗତ ହେଉଥିବା ବିପିଏ ଏବଂ ତାଲେଟ୍ସ ଶରୀରରେ ହର୍ମୋନ୍ ଅସନ୍ତୁଳନ ସୃଷ୍ଟି କରିବାର କାରଣ ପାଲଟିଥାଏ । ସେହିପରି ପାଉଚ୍ ପାଣି ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ସହଜରେ ମାଟିରେ ମିଶେନାହିଁ । ଗୋଟିଏ ପ୍ଲାଷ୍ଟିକ୍ ପାଉଚ୍ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବା ପାଇଁ ଶହ ଶହ ବର୍ଷ ସମୟ ଲାଗିଥାଏ । ଏହା ମାଟିରେ ପଡ଼ି ରହି ପରିବେଶକୁ ବିଷାକ୍ତ କରିଥାଏ । ସେହିପରି ପାଣି ପାଉଚ୍ ଡ୍ରେନ୍‌ରେ ଜମା ହୋଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିଥାଏ । ତେବେ ପୂର୍ବଭଳି ଜିଲ୍ଲା ତଥା ସହରରେ ପାଣି ପାଉଚ୍‌ର ବ୍ୟବହାର ବଢ଼ିବା ପୂର୍ବରୁ ବିଇଏମ୍‌ସି ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ମୃତ ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ ସହାୟତା ପ୍ରଦାନ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମରେ ଡିସେମ୍ବର ୪ ତାରିଖ ୨୦୨୫ ମସିହାରେ କୁଶିଆପାଳର କଳ୍ପତରୁ ଦାସ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ । ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସ୍ୱର୍ଗତ ଦାସ ଖସିପଡି ମୃତ୍ୟୁବରଣ କରିଛନ୍ତି । ୨୦୧୩ ମସିହାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକରଣ କରିଥିଲେ । କିନ୍ତୁ ଅଭାବ ଅସୁବିଧା ହେତୁ ଏହି ପଞ୍ଜିକରଣକୁ ରିନ୍ୟୁଆଲ୍ କରିପାରିନଥିଲେ । ତାଙ୍କ ଶ୍ରମ କାର୍ଡ ରିନ୍ୟୁଆଲ୍ ହୋଇନଥିବାରୁ ଜିଲ୍ଲା ଶ୍ରମ ବିଭାଗ ତାଙ୍କୁ କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି । କାର୍ଯ୍ୟ କରୁଥିବା ସମୟରେ ସ୍ୱର୍ଗତ ଦାସଙ୍କ କୌଣସି ସୁରକ୍ଷା ବେଲ୍ଟ କିମ୍ବା ହେଲ୍‌ମେଟ୍ ନଥିଲା । ଜିଲ୍ଲା ଶ୍ରମ ବିଭାଗ ଶ୍ରମିକ ମାନଙ୍କ ନିରାପତ୍ତା ପ୍ରତି କୌଣସି ଦାୟିତ୍ୱ ଦେଉନଥିବାରୁ ଏହିଭଳି ଅନେକ ଶ୍ରମିକ ମୃତ୍ୟୁବରଣ କରୁଛନ୍ତି । ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ପାଇଁ ଶ୍ରମିକ ମୃତ୍ୟୁ ରାଜ୍ୟ ମାନବ ଅଧିକାର କମିଶନଙ୍କ ପାଖରେ ସିଆଇଟିୟୁର ରାଜ୍ୟ ଉପସଭାପତି ଜଗତଜୀବନ ଦାଶ କ୍ଷତିପୁରଣ ବାବଦ ୨୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ମାନବ ଅଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୦୩।୨୦୨୬, ଫାଲ୍‌ଗୁନ ଦି୧୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ ୬।୦୭।୫୯ **ଚନ୍ଦ୍ରୋଦୟ-** ସଂଘ ୫।୫୩।୨୨

**ପୂର୍ଣ୍ଣିମା-** ସଂଘ ୫।୦୯ ପର୍ଯ୍ୟନ୍ତ, ମଘା ନକ୍ଷତ୍ର ପ୍ରାଘ ୭।୩୪ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୫।୦୯ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୬ ଗତେ ଦିଘ ୧୦।୫୦ ମଧ୍ୟେ । ଦିଘ ୧୧।୦୯ ଗତେ ଦିଘ ୧।୨୮ ମଧ୍ୟେ । **ପର୍ବୋତ୍ସବ-** ଫାଲ୍‌ଗୁନ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଦୋଳଯାତ୍ରା, ବସନ୍ତୋତ୍ସବ, ନୂତନ ପଞ୍ଜିକା ପାଠ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ସମ୍ପୂର୍ଣ୍ଣ କେତୁଗ୍ରସ୍ତ ଗ୍ରସ୍ତୋଦୟ ଚନ୍ଦ୍ରଗ୍ରହଣ ।


**ମେଷ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ଶତ୍ରୁ ପରାସ୍ତ ହେବେ । ଆୟ ଯୋଗ ରହିଛି । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା । ମହିଳାମାନେ ସୁଖୀ ହେବେ । ଶରୀର ସୁସ୍ଥ ରହିବ ।


**ବୃଷ:** ନୂତନ କର୍ମାରମ୍ଭର ସୁଯୋଗ ଜୁଟିପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ଆୟ ଓ ବ୍ୟୟ ସମାନ ରହିବ । ନୂତନ ଦ୍ରବ୍ୟ କ୍ରୟ କରିବାର ସମ୍ଭାବନା । ମନ ଭଲ ରହିବ ।


**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।


**କର୍କଟ:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।


**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । ନୂତନ କର୍ମାରମ୍ଭ କରିବାର ସୁଯୋଗ ଜୁଟିପାରେ । ଆୟରେ ଉନ୍ନତି ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଆନନ୍ଦ ଦେଖାଦେବ ।


**କନ୍ୟା:** ପରୋପକାରୀ ହେବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ମନ ଅସ୍ଥିର ରହିବ ।


**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବେ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।


**ବିଛା:** କାର୍ଯ୍ୟରେ ସଫଳତା ଦେଖାଦେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇଯିବ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।


**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦୟାଳୁ ହେବେ । ଦୂରଯାତ୍ରା କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।


**ମକର:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ । ସତ କଥା କହିଲେ ବି ନିଜର ଲୋକ ଭୁଲ୍ ବୁଝିବେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ହିବା ଭଲ । ବ୍ୟୟର ମାତ୍ରା ବଢ଼ିବାର ସମ୍ଭାବନା ।


**କୁମ୍ଭ:** ଅନେକ ଦିନରୁ ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ରୋଜଗାର ବଢ଼ିବ । ମନରେ ଭକ୍ତି ଭାବ ଜାଗ୍ରତ ହେବ । ଗୃହେ ସୁଖ ଶାନ୍ତି ଲାଭ କରିବେ ।


**ମୀନ:** ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ରୋଜଗାର ଭଲ ହେବ । କର୍ମକ୍ଷେତ୍ରରେ ଆଶାନୁରୂପକ ଫଳ ମିଳିବ । ଶତ୍ରୁ ପରାଜିତ ହେବେ । ଘରେ ଶାନ୍ତି ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୩।୨୦୨୬, ଫାଲ୍‌ଗୁନ ଦି୨୦ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ ୬।୦୭।୧୪ **ଚନ୍ଦ୍ରୋଦୟ-** ସଂଘ ୬।୪୫।୫୩

**ପ୍ରତିପଦ-** ଦିଘ ୪।୫୦ ପର୍ଯ୍ୟନ୍ତ, ପୂର୍ବା ଫାଲ୍ଗୁନୀ ନକ୍ଷତ୍ର ପ୍ରାଘ ୬।୪୧ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୧।୪୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ଦିଘ ୧।୪୮ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୧।୪୮ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୪।୫୦ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୮ ଗତେ ଦିଘ ୭।୪୩ ମଧ୍ୟେ । ଦିଘ ୧୦।୩୩ ଗତେ ଦିଘ ୧୧।୩୭ ମଧ୍ୟେ । **ପର୍ବୋତ୍ସବ-** ହୋଲି, ଶ୍ରୀମନ୍ଦିରରେ ହୋଲି ଉତ୍ସବ ।

ସମ୍ପାଦକୀୟ

# ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ

ମଧ୍ୟପ୍ରାଚ୍ୟ ଏସିଆ ଭୟଙ୍କର ଯୁଦ୍ଧର ନିଆଁରେ ବୁଡ଼ି ରହିଛି । ଇସ୍ରାଏଲ ଏବଂ ଆମେରିକା ଇରାନ ଉପରେ ଗୋଟିଏ ପରେ ଗୋଟିଏ ବଡ଼ ଆକ୍ରମଣ କରୁଛନ୍ତି, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ସମେତ ବହୁ ଶୀର୍ଷ ନେତାଙ୍କ ମୃତ୍ୟୁ ଘଟିଛି । ବହୁ ସଂଖ୍ୟକ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି । ଇରାନ ଇସ୍ରାଏଲ, ୟୁଏଇ, ବାହାରିନ, କତାର ଏବଂ କୁଏତ ସମେତ ଅନେକ ମଧ୍ୟପ୍ରାଚ୍ୟ ଦେଶ ଉପରେ ବଡ଼ ଆକ୍ରମଣ କରି ପ୍ରତିଶୋଧ ନେଇଛି । ଏହି ଅଞ୍ଚଳରେ ଏହି ଭୟଙ୍କର ଯୁଦ୍ଧ ମଧ୍ୟରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥା ହୋଇଛନ୍ତି । ଏହା ସହିତ ୟୁଏଇ ରାଷ୍ଟ୍ରପତିଙ୍କ ସହ ବି କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ଫୋନ୍ ଯୋଗେ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରିଛନ୍ତି, 'ମୁଁ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ଯୋଗେ କଥା ହୋଇଛି । ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତା ପ୍ରକାଶ କରିଛି ଏବଂ ନାଗରିକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଭାବରେ ଗୁରୁତ୍ୱାରୋପ କରିଛି । ଭାରତ ଶତ୍ରୁତା ଶୀଘ୍ର ବନ୍ଦ କରିବାର ଆବଶ୍ୟକତାକୁ ଦୋହରାଇଛି । 'ପ୍ରଧାନମନ୍ତ୍ରୀ ମୋଦି ଏବଂ UAE ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା- ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦି ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କ ସହ ମଧ୍ୟ କଥା ହୋଇଥିଲେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ମୁଁ ୟୁଏଇ ରାଷ୍ଟ୍ରପତି, ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କ ସହ କଥା ହୋଇଥିଲି । ୟୁଏଇ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ମୋର ଗଭୀର ସମବେଦନା ପ୍ରକାଶ କରିଛି । ଏହି କଷ୍ଟକର ସମୟରେ ଭାରତ ୟୁଏଇ ସହିତ ଏକତାରେ ଠିଆ ହୋଇଛି । ୟୁଏଇରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ପାଇଁ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛି । ଆମେ ଉତ୍ତେଜନା ହ୍ରାସ ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାକୁ ସମର୍ଥନ କରୁଛୁ । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଘାତକ ଆକ୍ରମଣ ଏବଂ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟରେ ଗମ୍ଭୀର ଉତ୍ତେଜନା ବଢି ବଢି ଚାଲିଛି । ଏ ନେଇ ଚିନ୍ତା ପ୍ରକଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରୀୟ ସୁରକ୍ଷା ପରିଷଦ (CCS)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ । ବୈଠକରେ ଇରାନ-ଇସ୍ରାଏଲ ଯୁଦ୍ଧ ବିଷୟରେ ଆଲୋଚନା କରାଯାଇଥିଲା । ରବିବାର ବିଳମ୍ବିତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ଅନୁଷ୍ଠିତ ସୁରକ୍ଷା କ୍ୟାବିନେଟ କମିଟିର ଏହି ବୈଠକ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯୋଗ ଦେଇଥିଲେ ।

# ଦୋଳେ ଚ ଦୋଳ ଗୋବିନ୍ଦମ୍



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ଭାରତୀୟମାନଙ୍କ ସର୍ବଧର୍ମସମନ୍ୱୟ ଆଦର୍ଶ, ଦେଶରେ ବସବାସ କରୁଥିବା ବିଭିନ୍ନ ଧର୍ମାବଲମ୍ବୀ ଲୋକଙ୍କୁ ବାନ୍ଧି ରଖିବାର ପ୍ରୟାସ ବାସ୍ତବିକ ନିଆରା । ବିବିଧତା ମଧ୍ୟରେ ସମସ୍ତଙ୍କୁ ବାନ୍ଧିରଖିବା ସହିତ ପ୍ରତ୍ୟେକ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖିବାପାଇଁ ଆମେ ପାଳନକରୁ ବାର ମାସରେ ତେର ପର୍ବ । ଲୋକଙ୍କ ସାମାଜିକ ଚଳଣିକୁ ସମୃଦ୍ଧ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ବର୍ଷତମାମ ବିଭିନ୍ନ ପର୍ବପର୍ବାଣୀ ସହ ଯାନିଯାତ୍ରା ପାଳିତ ହୋଇଥାଏ । ବିଭିନ୍ନ ପର୍ବପର୍ବାଣୀ ସହ ଧାର୍ମିକ ତତ୍ତ୍ୱ ଓ ପୌରାଣିକ ମତବାଦ ବିଶେଷଭାବେ ଜଡିତ ହୋଇଥାଏ, ଯାହା ଲୋକମାନଙ୍କ ମଧ୍ୟରେ ବୌଦ୍ଧିକଚେତନା ଜାଗ୍ରତ କରିବାରେ ବେଶ୍ ସହାୟକ ହୋଇଥାଏ । ବିଶେଷ କରି ହିନ୍ଦୁ ଧର୍ମାବଲମ୍ବୀ ଲୋକମାନେ ସନାତନୀସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ, ଯେଉଁଥିରେ ଭକ୍ତ ଓ ଭଗବାନଙ୍କ ନିବିଡ଼ ସମ୍ପର୍କ ଓ ଜୀବନଜିଇଁବା ପ୍ରକୃତ ମାର୍ଗ ଦର୍ଶାଯାଇଛି । ଯୁଗେ ଯୁଗେ "ଭକ୍ତ ଓ ଭଗବାନ"ଙ୍କ ଅତୁଟ ସମ୍ପର୍କ ବିଷୟରେ ଅନେକ ବର୍ଣ୍ଣନା କରାଯାଇଛି । ସେଥିପାଇଁ ପୁରାଣରେ ବର୍ଣ୍ଣିତ ଅଛି "ଦୋଳେ ଚ ଦୋଳ ଗୋବିନ୍ଦମ୍ ଚାପେ ଚ ମଧୁସୁଦନମ୍ ରଥେ ତୁ ବାମନଂଦୃଷ୍ଟା ପୁନର୍ଜନ୍ମ ନ ଲଭ୍ୟତେ", ଅର୍ଥାତ ଦୋଳରେ "ଦୋଳଗୋବିନ୍ଦ", ଚନ୍ଦନ ଯାତ୍ରା ବା ଚାପରେ "ମଧୁସୂଦନ" ଓ ରଥ ଉପରେ "ବାମନ"ଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ଅଛି । ଉତ୍କଳର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ନାମରେ ଭିନ୍ନ ଭିନ୍ନ ମାସରେ ପୂଜାର୍ଚ୍ଚନା କରାଯାଏ । ସେଥିପାଇଁ ଫାଲଗୁନ ମାସରେ ଜଗନ୍ନାଥଙ୍କୁ ଦୋଳଗୋବିନ୍ଦ ରୂପେ ପୂଜାର୍ଚ୍ଚନା କରାଯାଏ ବୋଲି ଗରୁଡ଼ ପୁରାଣରେ ଉଲ୍ଲେଖ ଅଛି । ବର୍ଷକ ମଧ୍ୟରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ "ଦୋଳପର୍ବ"ର ବିଶେଷ ଗୁରୁତ୍ୱ ବହନ କରିଥାଏ । ଫାଲଗୁନ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାକୁ ଦୋଳ ଯାତ୍ରା ବା 'ରାଜ ଦୋଳ' କୁହାଯାଏ । ସବୁ ପର୍ବପର୍ବାଣୀ ଓ ଯାନିଯାତ୍ରାରେ ଭକ୍ତଟିଏ ଭଗବାନଙ୍କ ପାଖକୁ ଯାଆନ୍ତି କିନ୍ତୁ "ଦୋଳଯାତ୍ରା" ଶ୍ରୀକୃଷ୍ଣ, ଶ୍ରୀରାଧାଙ୍କୁ ସାଙ୍ଗରେ ନେଇ ଭକ୍ତ ଦ୍ୱାରକୁ ଯାତ୍ରା କରି ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିଥାନ୍ତି । ଅପରପକ୍ଷେ ଭକ୍ତ ମଧ୍ୟ ଭାଗବାନଙ୍କ ଆଗମନକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଏ । ସୁସଜ୍ଜିତ ବିମାନରେ ପ୍ରଭୁ "ଦୋଳଗୋବିନ୍ଦ" ଓ ଶ୍ରୀରାଧାଙ୍କ ଯୁଗଳ ମୂର୍ତ୍ତିଙ୍କୁ ବସାଇ ଦୁଆର ଦୁଆର ବିଭିନ୍ନ ନୈବେଦ୍ୟ ସହ ସାକର, ଲଡୁ, ଖଇ, କୋରା, ଫଳ ମୂଳ, ଚଣା, ଉଖୁଡା, ଲିଆ ଆଦିକୁ ଚାଟେରୀ ଭୋଗରେ ଠାକୁରଙ୍କୁ ଅର୍ପଣ କରାଯାଏ ଯାହାକୁ ଦ୍ୱାରୀ ଭୋଗ ବୋଲି କୁହାଯାଏ । ଓଡ଼ିଶାର ଉପକୂଳ ଜିଲ୍ଲାଗୁଡିକରେ ଦୋଳ ପର୍ବ ଏକ ନିଆରା ଢଙ୍ଗରେ ପାଳିତ ହୁଏ, ଆଖପାଖ ଗାଁରୁ ସୁସଜ୍ଜିତ ଦୋଳ ବିମାନରେ ମଦନମୋହନ, ମହାଲକ୍ଷ୍ମୀ, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ନିମନ୍ତ୍ରିତ ହୋଇ ଜମାଣ ଦିନ ମେଳଣ ପଡ଼ିଆରେ ବାଣ ରୋଷଣୀ ସାଙ୍ଗକୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ ସହ ଏକତ୍ରିତ ହୋଇ ହରିହର ଭେଟ କରାଇବା ସହ ପରସ୍ପର ମଧ୍ୟରେ ଅବିର ଖେଳି ଭାଇଚାରାର ସନ୍ଦେଶ ବାଣ୍ଟିଥାଆନ୍ତି । ବହୁ ଲୋକଙ୍କ ସମାଗମ ସହ ଦୋକାନ ବଜାର ଉତ୍ସବକୁ ଦ୍ୱିଗୁଣିତ କରିଥାଏ । ସାମାଜିକ ଦୃଷ୍ଟିକୋଣରୁ ବିଚାରକଲେ ଏହାକୁ ମଧ୍ୟ 'ଭାଇଚାରା' ର ପର୍ବ ବୋଲି କୁହାଯାଏ । ଲୋକମାନେ ପରସ୍ପର ମଧ୍ୟରେ ଅବିର ଖେଳି ସ୍ନେହ ଶ୍ରଦ୍ଧାର ଅତୁଟ ବନ୍ଧନରେ ବାନ୍ଧି ହୋଇଥାନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତଥା ଗ୍ରାମ ଗ୍ରାମ ମଧ୍ୟରେ ସ୍ନେହ, ଶ୍ରଦ୍ଧା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ହିଁ ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ । ଉତ୍କଳର ପୁରପଲ୍ଲୀରେ ବସବାସ କରୁଥିବା ଗୌଡୀୟ ବୈଷ୍ଣବ ଦୋଳ ପର୍ବକୁ ନିଆର ଢଙ୍ଗରେ ପାଳନ ପାରନ୍ତି କାରଣ ଭାଗବାନ ଶ୍ରୀକୃଷ୍ଣଙ୍କୁ ସେମାନେ ନିଜ ସମ୍ପ୍ରଦାୟର ଭାବେ ବିବେଚନା କରି ଅତି ଭକ୍ତି ଓ ନିଷ୍ଠାର ସହିତ ବିଭିନ୍ନ ଜାକଜମକରେ ପାଳନ କରିଥାନ୍ତି । ଶ୍ରୀମନ୍ଦିରରେ ସଂସ୍କୃତି ପରମ୍ପରା ରେ ଫାଲଗୁନ ମାସ ଶୁକ୍ଳ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଚାଚେରୀ ଲୀଳା ଅନୁଷ୍ଠିତ ହେବାସହିତ ଚାଚେରୀ ଭୋଗ ଠାକୁରଙ୍କୁ ଅର୍ପଣ କରାଯାଏ । ଏହି ଦିନ ମହାପ୍ରଭୁ ଦୁର୍ଲ୍ଲଭ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଉତ୍କଳ କିମ୍ବଦନ୍ତୀ ଅନୁସାରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଆଦେଶରେ ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦୋଳଯାତ୍ରର ଶୁଭାରମ୍ଭ କରିଥିଲେ । ସେବେଠାରୁ ଓଡ଼ିଶାର ପୁରପଲ୍ଲୀରେ ଭିନ୍ନ ଭିନ୍ନ ରୀତିରେ ଦୋଳ ଯାତ୍ରା ପାଳନ କରାଯାଉଛି । କେତେକ ସ୍ଥାନରେ ଫାଲଗୁନ ମାସ ଶୁକ୍ଳ ଦଶମୀରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣମୀରେ ଶେଷ ହେଉଥିବା ଯାତ୍ରାକୁ 'ରାଜ ଦୋଳ' କୁହାଯାଏ । କେତେକ ସ୍ଥାନରେ ଦିନକ ପାଇଁ ଦୋଳପୂର୍ଣ୍ଣିମା ରେ ଦୋଳଯାତ୍ରା ପାଳନ କରାଯାଏ, ତାହାକୁ 'ଫୁଲଦୋଳ' ବୋଲି କୁହାଯାଏ । ଅନ୍ୟ କେଉଁଠି କେଉଁଠି ଦୋଳଯାତ୍ରା ଦୋଳ ପୂର୍ଣ୍ଣିମା ରେ ଆରମ୍ଭ ହୋଇ ଚୈତ୍ରମାସ କୃଷ୍ଣ ପଞ୍ଚମୀରେ ଶେଷ ହୁଏ ତାହାକୁ 'ପଞ୍ଚୁଦୋଳ' ବୋଲି କୁହାଯାଏ । ଆଉ କେତେକ ସ୍ଥାନରେ ଫାଲଗୁନ ପଞ୍ଚମୀ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ନବମୀରେ ଶେଷ ହୁଏ ତାହାକୁ 'ଦଶ ଦୋଳ' କୁହାଯାଏ । ସବୁଠାରୁ ବଡକଥା ହେଲା ବର୍ତ୍ତମାନ ପରିବର୍ତ୍ତିତ ଜଳବାୟୁ ସାଙ୍ଗକୁ ଅନିୟମିୟତ ଋତୁଚକ୍ରରେ ବୋହୁଥିବା ବସନ୍ତର ମଳୟ ପବନର ମଧୁର ସ୍ପର୍ଶ ଦେହକୁ ଆଉ ଶୀତଳ ଦେଉନି, କି କୋଇଲିର କୁହୁ କୁହୁ ରାବ ଆଉ କାନରେ ବାଜୁନି, ତଥାପି ଆଧୁନିକତା ଛାପରେ ବଞ୍ଚିରହିଛି ଚିରାଚରିତ ପରମ୍ପରା । ଦୋଳପୂର୍ଣ୍ଣିମା ପରଦିନ ପାଳନ ହୁଏ ରଙ୍ଗ ଅବିରର ପର୍ବ 'ହୋଲି' । ଭଗବାନ ଶ୍ରୀକୃଷ୍ଣ ନିଜର ଶାଶ୍ୱତ ପ୍ରେମର ନିଦର୍ଶନ ସ୍ୱରୂପ ରାଧା ଓ ଗୋପି ମାନଙ୍କ ସହ ବିଭିନ୍ନ ରଙ୍ଗରେ ଅବିର ଖେଳି ଭଲପାଇବାର ବାର୍ତ୍ତା ବାଣ୍ଟିଥିଲେ । ହୋଲି ପର୍ବର ପୌରାଣିକ ମତବାଦ ଅନୁଯାୟୀ ହିରଣ୍ୟକାଶ୍ୟପ ପରମ ଶିବ ଭକ୍ତ ଥିଲେ ସେ ନିଜ ପୁତ୍ର ପ୍ରହଲ୍ଲାଦକୁ ଶିବଭକ୍ତ ହେବାକୁ ଅନୁପ୍ରାଣିତ କରିଥିଲେ କିନ୍ତୁ ବିଷ୍ଣୁଭକ୍ତ ପ୍ରହଲ୍ଲାଦ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ । ହିରଣ୍ୟକଶ୍ୟପ ଏଥିରେ କ୍ରୋଧାନ୍ୱିତ ହୋଇ ପ୍ରହଲ୍ଲାଦକୁ ମାରିବା ପାଇଁ ବିଭିନ୍ନ ପ୍ରକାରର ଷଡଯନ୍ତ୍ର କରି ବିଫଳ ହୋଇ ପରିଶେଷରେ ନିଜ ଭଉଣୀ 'ହୋଲିକା' ଯିଏକି ନିଆଁ ରେ ପୋଡିବ ନାହିଁ ବୋଲି ବର ପାଇଥିଲେ । ନିଷ୍ପତି ଅନୁଯାୟୀ ହୋଲିକା ପ୍ରହଲ୍ଲାଦକୁ ନିଜ କୋଳରେ ବସାଇ ଅଗ୍ନିକୁଣ୍ଡକୁ ପ୍ରବେଶ କଲେ, ପରିଣାମ ସ୍ୱରୂପ ଶ୍ରୀହରିଙ୍କ କୃପାରୁ ପ୍ରହଲ୍ଲାଦଙ୍କୁ ଅଗ୍ନି ସ୍ପର୍ଶ ହୋଇନଥିବାବେଳ ହୋଲିକା ନିଜେ ଅଗ୍ନିରେ ଦଗ୍ଧ ହୋଇଯାଇଥିଲେ । ଅସତ୍ୟ ଉପରେ ସତ୍ୟର ବିଜୟ ସ୍ୱରୂପ ହୋଲିକା ରାକ୍ଷସୀ ନାମରେ ମହାଆନନ୍ଦରେ ଲୋକମାନେ ପରସ୍ପର ମଧ୍ୟରେ ରଙ୍ଗ ବୋଲି "ହୋଲି ପର୍ବ" ପାଳନ କଲେ । ସେବେଠାରୁ ହୋଲି ଏକ ଜାତୀୟ ପର୍ବ ରୂପେ ସମଗ୍ର ଭାରତ ବର୍ଷରେ ପାଳନ ହେଉଛି । ଦୋଳ ପୂର୍ଣ୍ଣିମା ପରଦିନ ହୋଲି ପର୍ବ ପାଳନ ହେଉଥିବାରୁ ଏହାକୁ କୃଷ୍ଣ ଚେତନା ଓ ଉପାସନାର ପର୍ବ ରୂପେ ସମସ୍ତେ ପାଳନ କରନ୍ତି । ସମ୍ପ୍ରତି ହୋଲି ପର୍ବ ପାଳନରେ ଅନେକ ପରିବର୍ତ୍ତନ ଦେଖା ଦେଉଛି । ସେତେବେଳେ ଫଗୁ ଓ ଅବିରରେ ହୋଲି ପର୍ବ ପାଳନ ହେଉଥିବାବେଳ ଏବେ ହୋଲିରେ ବ୍ୟବହୃତ ବିଭିନ୍ନ ପ୍ରକାରର ରାସାୟନିକ ରଙ୍ଗ ଆଣୁଛି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା । ସେତେବେଳେ ସାନମାନେ ବୟସ୍କ ବା ପୂଜ୍ୟମାନଙ୍କ ପାଦରେ ଅବିର ରଖି ଆଶୀର୍ବାଦ ଭିକ୍ଷା କରୁଥିଲେ ଓ ସମବୟସ୍କ ମାନେ ପରସ୍ପର ମଧ୍ୟରେ ଫଗୁ ଅବିର ଖେଳି ସମ୍ପର୍କକୁ ନିବିଡ଼ କରୁଥିଲେ । ଏବେ ଡିଜେ ବାଜା ସାଙ୍ଗକୁ ସର୍ବସାଧାରଣରେ ଅଶ୍ଳୀଳନୃତ୍ୟ ପରିବେଷଣ ସହ ମଦ ମାଂସରେ ଭୁଲିଯାଇ ଆଦରୁଛନ୍ତି ଅପସଂସ୍କୃତି । ଏବେଠାରୁ ସଜାଗ ନ ହେଲେ ସମୟ ଆସିବ ଅପସଂସ୍କୃତିର କଳା ବାଦଲରେ ସଂସ୍କୃତି ହଜିଯିବ ଏବଂ ଏହାର ସମାଧାନ ଆମ ହାତ ପାହାନ୍ତାରୁ ପଳାଇଥିବ । ଏପରି ସମୟକୁ ଆମନ୍ତ୍ରଣ ନକରିବା ହିଁ ହେବ ଏକ ମହନୀୟ କାର୍ଯ୍ୟ । ଚାଲନ୍ତୁ ସମସ୍ତେ ପାରମ୍ପରିକ ରଙ୍ଗରେ ରଙ୍ଗେଇ ହୋଇ ସମାଜକୁ ଏକ ନୂଆ ବାର୍ତ୍ତା ଦେବାକୁ ପ୍ରତିଶ୍ରୁତିବଦ୍ଧ ହେବ ।

# ରଙ୍ଗପଞ୍ଚମୀ



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ଼,

ରଙ୍ଗ ହେଉଛି ଜୀବନର ବିଭିନ୍ନ ଅନୁଭୂତି—ସୁଖ, ଦୁଃଖ, କ୍ରୋଧ ଓ ପ୍ରେମର ପ୍ରତୀକ । ଆମ ଶରୀର ଏହି ପାଞ୍ଚଟି ମୌଳିକ ତତ୍ତ୍ୱରେ ଗଢ଼ା: କ୍ଷିତି (ପୃଥ୍ୱୀ), ଅପ୍ (ଜଳ), ତେଜ (ଅଗ୍ନି), ମରୁତ୍ (ବାୟୁ) ଓ ବ୍ୟୋମ (ଆକାଶ) । ରଙ୍ଗପଞ୍ଚମୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାୟୁମଣ୍ଡଳରେ ରଙ୍ଗୀନ ଗୁଲାଲ୍ ଉଡ଼ାଇ 'ରଜ-ତମ' ଗୁଣକୁ ନାଶ କରି 'ସତ୍ତ୍ୱ' ଗୁଣର ବିକାଶ କରିବା । ଏହି ଦିନ ବାୟୁମଣ୍ଡଳରେ ଏକ ଦୈବୀ ଶକ୍ତିର ପ୍ରବାହ ହୁଏ ବୋଲି ବିଶ୍ୱାସ କରାଯାଏ, ଯାହା ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହୋଇଥାଏ । ଓଡ଼ିଶାରେ ଫଗୁ ଦଶମୀରୁ ଦୋଳ ଯାତ୍ରା ଆରମ୍ଭ ହୋଇଥାଏ । ଏହାର ଗୁରୁତ୍ୱ ବୈଷ୍ଣବ ଧର୍ମ ପରମ୍ପରାର ପ୍ରଚାର ଓ ପ୍ରସାର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେବେ ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ସ୍ନେହ, ସଦ୍ଭାବ ଓ ପାରମ୍ପାରିକ ସୌହାର୍ଦ୍ଦ୍ୟର ପରିଚାୟକ ପର୍ବ ଭାବରେ ପାଳିତ ହୋଇଥାଏ । କାହିଁକି ପାଳନ ହୁଏ ଏହି ପର୍ବ ? ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇରହିଛି । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁଞ୍ଜନ । ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜ୍ୱଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି । ଶ୍ରୀରାଧା – ଶ୍ରୀକୃଷ୍ଣଙ୍କ ପ୍ରେମପ୍ରଣୟର ଲୀଳା, ଦୋଳ ଓ ରଙ୍ଗର ଖେଳ ବ୍ୟତୀତ ଅନ୍ୟଯେଉଁ ସବୁ ଆଖ୍ୟାନ ଉପାଖ୍ୟାନ ଏହି ଦୋଳ-ହୋଲି ଯୁଗ୍ମପର୍ବ ଦିବସ ସହିତ ସଂପୃକ୍ତ । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହିପର୍ବ ଆୟୋଜିତ ହୋଇଥିଲା । ଫଗୁ ଦଶମୀ ହେଉଛି ଏକ ପବିତ୍ର ଉତ୍ସବ, ଯାହା ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ଜଡିତ । ଏହି ଦିନରେ ଶ୍ରୀଜଗନ୍ନାଥ ଓ ରାଧାମାଧବଙ୍କ ଶ୍ରୀଯୁକ୍ତ ଦିବ୍ୟ ବିବାହ ଉତ୍ସବ ଉଦଯାପିତ ହୁଏ । ଏହି ଉପଲକ୍ଷେ ଦେବ ଦେବୀଙ୍କୁ ଶୁଭ ଶୃଙ୍ଗାର କରି ତାଙ୍କୁ ଭକ୍ତିପୂର୍ଣ୍ଣ ଭାବେ ପୂଜା କରାଯାଏ ।

ଫଗୁ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଏହି ଉତ୍ସବ ଉଦଯାପିତ ହୋଇଥାଏ । ଏହି ଦିନ ରାଧା ମାଧବଙ୍କ 'ଅବିର ଖେଳା' ଓ 'ବସନ୍ତ ରାସ' ପାଇଁ ଖ୍ୟାତି ଲବ୍ଧ । ଏହି ଉତ୍ସବ ବୃନ୍ଦାବନର ରାସ ଲୀଳା ଓ ଶ୍ରୀମଦ୍ଭାଗବତର ରାସମହୋତ୍ସବକୁ ସ୍ମରଣ କରେ । ଏହି ଦିନରେ ରାଧା ଓ କୃଷ୍ଣଙ୍କ ମହାପ୍ରେମର ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳେ । ଯଦିଓ ଏହି ଉତ୍ସବ ମୂଳତଃ ରାଧା ମାଧବଙ୍କ ପୂଜା ସହିତ ଜଡିତ, ତଥାପି ଏହି ଉତ୍ସବ ଶ୍ରୀ ଜଗନ୍ନାଥଙ୍କ ସହିତ ମଧ୍ୟ ଅବିଚ୍ଛିନ୍ନ ଭାବରେ ସଂପୃକ୍ତ । ଶ୍ରୀମନ୍ଦିରରେ ଏହି ଦିନ ଠାକୁରଙ୍କୁ ବିଶେଷ ଶୃଙ୍ଗାର ଏବଂ ଅଳଙ୍କାର କରି ଉତ୍ସବ ଉଦଯାପନ କରାଯାଏ । ଫଗୁ ଦଶମୀ ଉତ୍ସବ ଏକ ଦିବ୍ୟ ମହୋତ୍ସବ ଯେଉଁଠି ଅବିର ଖେଳା ଏବଂ ରାସ ଲୀଳା ଉଦଯାପିତ ହୁଏ । ଏହି ଦିନ ଜଗନ୍ନାଥ ଦେବଙ୍କୁ ବିଶେଷ ବେଶ ଭୂଷା ଏବଂ ଅଳଙ୍କାର କରି 'ସୁନା ବେଶ' ପିନ୍ଧାଇ ଦିଆଯାଏ । ଏହି ଉତ୍ସବ ଗୁପ୍ତ ନବ ଦ୍ୱୀପ ଓ ରାଧାକୃଷ୍ଣଙ୍କ ପ୍ରେମ ଜନିତ ସଂସ୍କୃତି ସହିତ ଜଡିତ । ଏହି ଦିନ ଫଗୁ ଉତ୍ସବର ଆରମ୍ଭ ତଥା 'ଉତ୍ସବ ବିବାହ' ରୂପେ ଦେଖାଯାଏ । ଏହି ଦିନ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଶୃଙ୍ଗାର କରି ମହାପ୍ରଭୁଙ୍କ ଆଶୀର୍ବାଦ ନିଆଯାଏ । ଦୋଳଯାତ୍ରା ଓ ମେଳନ : ମେଳନ ଦୋଳଯାତ୍ରାର ଏକ ପ୍ରଧାନ ଅଂଶ । ପୂର୍ବମୀ ଦିନ ମେଳନ ପଡ଼ିଆରେ ଦୋଳବିମାନଗୁଡ଼ିକ ଏକତ୍ର ହୁଅନ୍ତି । ଭୋଗଲାଗି ପରେ ଠାକୁର ବିମାନଗୁଡ଼ିକ ବୃତ୍ତାକାରରେ ପ୍ରଦକ୍ଷିଣ କରନ୍ତି । ଏହାକୁ ମେଳନ କୁହାଯାଏ । ପୂର୍ବମୀ ବ୍ୟତୀତ ପଞ୍ଚଦୋଳ, ସପ୍ତଦୋଳ ଓ ଦଶଦୋଳ ପ୍ରଭୃତି ଓଡ଼ିଶାର ଗାଁ ଗହଳିମାନଙ୍କରେ ଅନୁଷ୍ଠିତ ହୁଏ ।

ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି ଦେବ ଏବଂ ଭକ୍ତଙ୍କ ମଧ୍ୟରେ ଅଦ୍ୱିତୀୟ ସମ୍ପର୍କ ଉଦ୍ଘାଟନ । ଏହି ଦିନ ଭକ୍ତମାନେ ଅବିର ଖେଳି ଓ ରାସ ନୃତ୍ୟ କରି ପ୍ରଭୁଙ୍କ ଶ୍ରୀଚରଣକୁ ଆନନ୍ଦ ଦେଇଥାନ୍ତି । ଏହା ସାମ୍ପ୍ରଦାୟିକ ଏକତା, ଭକ୍ତି ଓ ଆନନ୍ଦର ଉତ୍ସବ । ଏହି ଉତ୍ସବ ଦ୍ୱାରା ଭକ୍ତମାନେ ସେବା ଓ ପ୍ରେମର ଅଭିବ୍ୟକ୍ତି କରିଥାନ୍ତି । ଏହି ଉତ୍ସବର ଅନ୍ୟତମ ଆକର୍ଷଣ ହେଉଛି 'ବସନ୍ତ ରାସ' । ଏହା ଗୋଟିଏ ଅଦ୍ଭୁତ ନୃତ୍ୟ ଯେଉଁଠି ଅନେକ ଦେବୀ-ଦେବତା ଏକ ସାଙ୍ଗେ ନୃତ୍ୟ କରିଥାନ୍ତି । ଏହି ଉତ୍ସବରେ ଭକ୍ତମାନେ ଅନେକ ସାମୁହିକ ପୂଜା ଏବଂ ନୃତ୍ୟ ଏବଂ କୀର୍ତ୍ତନ କରିଥାନ୍ତି । ଫଗୁ ଦଶମୀରେ ଜଗନ୍ନାଥ ଦେବଙ୍କୁ ବିଶେଷ ଭାବରେ ଅଳଙ୍କାର କରାଯାଏ । ଏହି ଦିନ ମହାପ୍ରଭୁଙ୍କୁ ଶ୍ୱେତ ଓ ନୀଳ ବସ୍ତ୍ର ଦିଆଯାଏ । ଏହି ଉତ୍ସବରେ ଏକ ଅନ୍ୟତମ ଭିନ୍ନତା ହେଉଛି ସୁନା ବେଶ । ଏହା ଅତ୍ୟନ୍ତ ରମଣୀୟ ଏବଂ ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ । ଫଗୁ ଦଶମୀ ଏକ ଦିବ୍ୟ ଉତ୍ସବ, ଯେଉଁଠି ଦେବତା ଏବଂ ଭକ୍ତମାନେ ଏକ ଅନନ୍ୟ ସମ୍ପର୍କରେ ଅନ୍ୟତମ ଭାବେ ଜଡିତ ରହନ୍ତି । ଏହା ଏକ ପ୍ରେମ, ଭକ୍ତି ଏବଂ ଉଲ୍ଲାସର ଉତ୍ସବ, ଯେଉଁଠି ଏକତାର ସନ୍ଦେଶ ଦିଆଯାଏ । ଏହି ଦିନରେ ଭକ୍ତମାନେ ଅନନ୍ୟ ଭାବେ ପ୍ରଭୁଙ୍କୁ ସ୍ମରଣ କରନ୍ତି ଏବଂ ତାଙ୍କର ଦୟା ଓ କୃପା ଆଶୀର୍ବାଦ ନିଅନ୍ତି । ଏହି ଉତ୍ସବ ନା କେବଳ ଏକ ଦୈବୀୟ ପ୍ରସଙ୍ଗ ବରଂ ଏହା ଏକ ସାମୂହିକ ଏବଂ ସାମ୍ପ୍ରଦାୟିକ ଅଭିଯାନ ଯେଉଁଠି ଭକ୍ତମାନେ ପ୍ରଭୁଙ୍କ ଚରଣେ ଆପଣାକୁ ଅର୍ପଣ କରନ୍ତି ଏବଂ ଏକତାର ସୂତ୍ରରେ ବାନ୍ଧି ଥାନ୍ତି । ଆଜି ଦୋଳ ପୂର୍ଣ୍ଣିମା । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପର୍ବର ପ୍ରାଧାନ୍ୟ ବେଶୀ । ଫାଲ୍ଗୁନ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଝୁଲଣ ମଣ୍ଡପରେ ଦୋଳି ଝୁଲିବା ସହିତ ସୁସଜ୍ଜିତ ବିମାନରେ ବିଜେ କରନ୍ତି । ଶ୍ରୀରାଧାକୃଷ୍ଣ ବିମାନରେ ବିରାଜମାନ ହୋଇ ଘରେ ଘରେ ଭୋଗ ଖାଆନ୍ତି । ଦୋଳ ପଡ଼ିଆ ବା ମେଳନ ପଡ଼ିଆରେ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନର ମେଳନ ହୁଏ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହେଉଛି ରଙ୍ଗ ଖେଳ । ଦୋଳ ପୂର୍ଣ୍ଣିମାର ପର ଦିନ ରଙ୍ଗର ପର୍ବ ହୋଲି ପାଳିତ ହୁଏ । ଆଧ୍ୟାତ୍ମିକ ଭାରତ ବର୍ଷର ବିଭବକୁ ଦେଖିଲେ ସବୁ ସମ୍ପ୍ରଦାୟ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣ ଉତ୍ସବ ଭାବେ ପାଳନ କରିଥାନ୍ତି । ବିଭିନ୍ନ ରାଜ୍ୟରେ ନାନା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଏ । କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ । ପଶ୍ଚିମବଙ୍ଗରେ 'ବସନ୍ତୋତ୍ସବ', ମହାରାଷ୍ଟ୍ରରେ 'ରଙ୍ଗପଞ୍ଚମୀ', ପଞ୍ଜାବରେ 'ହୋଲା ମହୋଲା' ଓ ତାମିଲନାଡୁରେ ଏହା 'କାମ-ଦହନ' ନାମରେ ଜଣାଶୁଣା । ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା 'ବ୍ରଜ ହୋଲି' ଭାବେ ପ୍ରସିଦ୍ଧ । ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ । ମହାରାଷ୍ଟ୍ରରେ ପାଞ୍ଚ ଦିନ ଧରି ହୋଲି ପାଳିତ ହୋଇଥାଏ । ଶେଷ ଦିନରେ ରଙ୍ଗ ଖେଳହୁଏ । ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରଂପରା । ମଥୁରା ଅନ୍ତର୍ଗତ ଦୁଇ ଗାଁ ବର୍ସନା ଓ ନନ୍ଦଗାଁରେ ପ୍ରଚଳିତ ଲାଠିମାର ହୋଲି ବେଶ ଲୋକପ୍ରିୟ । ଗାଁର ପୁରୁଷମାନେ ପଡ଼ୋଶୀ ଗାଁକୁ ରଙ୍ଗ ଖେଳିବାକୁ ଯାଇ ମହିଳାମାନଙ୍କଠାରୁ ଲାଠିମାଡ଼ ଖାଇଥାନ୍ତି । ଉଜ୍ଜୟିନୀର ସନ୍ନ୍ୟାସୀମାନେ ରଙ୍ଗ ବଦଳରେ ଗୋବରକୁ ରଙ୍ଗ ଭାବେ ବ୍ୟବହାର କରି ହୋଲି ଖେଳନ୍ତି । ରଙ୍ଗପଞ୍ଚମୀ କେବଳ ପାଞ୍ଚଟି ତତ୍ତ୍ୱର ଉତ୍ସବ ନୁହେଁ, ବରଂ ଏହା ହେଉଛି ଅନ୍ତରର ଅନ୍ଧକାରକୁ ଦୂର କରି ଜୀବନକୁ ଭକ୍ତି ଓ ପ୍ରେମର ରଙ୍ଗରେ ରଙ୍ଗୀନ କରିବାର ମାର୍ଗ । ଏହା ହେଉଛି ଜୀବନ ରୂପକ ଏକ ଉତ୍ସବ, ଯାହାକୁ ଆନନ୍ଦ ଓ ପବିତ୍ରତା ସହିତ ବଞ୍ଚିବା ଉଚିତ୍ ।

# ହୀରାଖଣ୍ଡର ହୀରା ବୀର ସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ, ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହୃଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତ୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା ।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତ୍ତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ । ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧୈର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ ।

ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ । ୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତ୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ । ୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ମାର୍ଚ୍ଚ ୨୦୨୬ ମଙ୍ଗଳବାର





## ////////////////// ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର //////////////////

# ଘର ଭାଙ୍ଗି ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏକ ଘର ଉଚ୍ଛେଦ ମାମଲାରେ ହାଇକୋର୍ଟ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। କିନ୍ତୁ ଥାନା ଆଇଆଇସି ଓ ତହସିଲ କର୍ମଚାରୀ ଏହାକୁ ମାନିବା ବଦଳରେ ଘରକୁ ଭାଙ୍ଗି ମାଟିରେ ମିଶାଇ ଦେଲେ। ଉଚ୍ଛେଦ ପ୍ରକ୍ରିୟା ଆଇନ୍‌ସଙ୍ଗତ ନୁହେଁ ବୋଲି କହି ପୋଲିସକୁ ନୋଟିସ୍ ଦେଖାଇବାରୁ ଘରମାଲିକଙ୍କ ଝିଅକୁ ଥାନାରେ ଅଟକ ରଖି ନିର୍ଯାତନା ଦିଆଗଲା। କଟକ ଡିସିପିଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଥିବା ପରିବାର ଏବେ ପିଲା ଛୁଆଙ୍କୁ ଧରି ବିଡ଼ାନାସୀ ପୋଲିସ କଲୋନୀ ସ୍ଥିତ ଦକ୍ଷିଣ ଦେଉଳସାହି ମେଜାର ପ୍ଲଟ୍ ନମ୍ବର ୫୩୩ରେ ଦୟନୀୟ ସ୍ଥିତିରେ ଦିନ କାଟୁଛନ୍ତି। ଲୋକନାଥ ପାଳଙ୍କ ବାପାଙ୍କୁ ଦାନ ସୂତ୍ରରେ ମିଳିଥିବା ଜମିରେ ସେମାନେ ରହିଆସୁଥିଲେ। ପରବର୍ତ୍ତୀ ସମୟରେ ଜମି ଗୃହ ବିଭାଗ ଅଧୀନକୁ ଚାଲିଯାଇଥିଲା। ଏହାକୁ ନେଇ କୋର୍ଟରେ ମାମଲା ଗଡୁଥିଲା। ଫେବୃୟାରୀ ୭ ତାରିଖରେ ଘର ଉଚ୍ଛେଦ ପାଇଁ ତହସିଲରୁ ନୋଟିସ୍ ଆସିଥିଲା। ଏହାକୁ ନେଇ ଲୋକନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୩ ତାରିଖରେ କୋର୍ଟ ଆବେଦନକାରୀଙ୍କୁ ପକ୍ଷ ରଖିବାର ସୁଯୋଗ ଦେଇ ତହସିଲଦାର ୬ ସପ୍ତାହ ମଧ୍ୟରେ ଆଇନ୍ ଅନୁସାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଲେ। ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଉଚ୍ଛେଦ କରାନଯିବାକୁ କହିଥିଲେ। ଏହି ନିର୍ଦ୍ଦେଶକୁ ଉଚ୍ଛେଦ କରିବାକୁ ଆସିଥିବା ତହସିଲ ଅଧିକାରୀ ଓ ବିଡ଼ାନାସୀ ଥାନା ଆଇଆଇସିଙ୍କୁ ଦିଆଯାଇଥିଲେ ବି ସେମାନେ ତାହାକୁ ଗ୍ରହଣ କରିନଥିଲେ।



ଲୋକନାଥଙ୍କ ଓକିଲ ଫୋନ୍ କରି କୋର୍ଟଙ୍କ ନିର୍ଦ୍ଦେଶ ଶୁଣାଇଥିଲେ ବି ସେମାନେ ଖାତିର କରିନଥିଲେ। ଲୋକନାଥଙ୍କ ଝିଅ ସ୍ୱର୍ଣ୍ଣପ୍ରଭା ବିଡ଼ାନାସୀ ଥାନା ଆଇଆଇସିଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରିବାରୁ ତାଙ୍କୁ ଥାନାକୁ ଟାଣି ନିଆଯାଇଥିଲା। ମୋବାଇଲ୍ ଫୋନ୍ ଛଡ଼ାଇ ନେବା ସହିତ ଗାଳିଗୁଲଜ କରାଯାଇଥିଲା। ଦୁଷ୍କର୍ମ ଧମକ ସହ ମିଛ ମାମଲାରେ ଫସାଇ ଦେବାକୁ ଆଇଆଇସି ଚେତାବନୀ ଦେଇଥିଲେ। ନିରୂପାୟ ହୋଇ ସେ ଏକ କାଗଜରେ ଦସ୍ତଖତ ଦେଇ ଥାନାରୁ ଘରକୁ ଫେରିଥିଲେ। ଘଟଣା ସମ୍ପର୍କରେ ସ୍ୱର୍ଣ୍ଣପ୍ରଭା କଟକ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ସମସ୍ତ ଘଟଣା ସିସିଟିଭିରେ ରେକର୍ଡ ହୋଇଥିବା ମଧ୍ୟ ସେ ଅବଗତ କରାଇଛନ୍ତି। କିନ୍ତୁ ଘଟଣାକୁ ୫ ଦିନ ବିତିଥିଲେବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହା ବିରୋଧରେ ପୁଣି ଥରେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ୱର୍ଣ୍ଣପ୍ରଭା କହିଛନ୍ତି। ଏ ସଂକ୍ରାନ୍ତରେ ବିଡ଼ାନାସୀ ଥାନା ଆଇଆଇସିଙ୍କ ପ୍ରତିକ୍ରିୟା ମିଳିନଥିଲା ବେଳେ କଟକସଦର ତହସିଲଦାର ଦେବଦତ୍ତ ପ୍ରଧାନ କହିଛନ୍ତି, ପୋଲିସ ଜମିରେ ସେମାନେ ଜବରଦଖଲ କରି ରହୁଥିଲେ। ସେମାନଙ୍କୁ ସେଠାରୁ ଉଚ୍ଛେଦ କରିବାକୁ ପୋଲିସ ପକ୍ଷରୁ ଆମକୁ ନୋଟିସ୍ ଆସିଥିଲା। କେହି ଓକିଲ ଫୋନ୍ ଯୋଗେ କୋର୍ଟଙ୍କ ନିର୍ଦ୍ଦେଶ ବିଷୟରେ କହିଲେ ତାହାକୁ ଆମେ ଗ୍ରହଣ କରିପାରିବୁନି। ବ୍ୟକ୍ତିଗତ ଭାବେ କୋର୍ଟ ଉଚ୍ଛେଦ କରିବାକୁ ମନାକରିଥିବା ସ୍ପଷ୍ଟ ହେବାପରେ ଉଚ୍ଛେଦ ବନ୍ଦ ରହିଥିଲା ବୋଲି ତହସିଲଦାର କହିଛନ୍ତି।

# ଖରା ମାସ ଆରମ୍ଭ ନହେଉଣୁ କମ୍ପାନୀଗୁମା ଗ୍ରାମରେ ପାଣି ସମସ୍ୟା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାଣି ମୁନ୍ଦାଏ ପାଇଁ ନାହିଁନଥିବା ଅବସ୍ଥା। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତର କମ୍ପାନୀ ଗୁମା ଗ୍ରାମରେ ପାଣି ସମସ୍ୟା ଉତ୍କଟ, ଏଥିପାଇଁ ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି। ଗ୍ରାମକୁ ପାଞ୍ଚ ବର୍ଷ ତଳେ ପାଇପ ଯୋଗେ ଜଳ ଯୋଗାଣ ପାଇଁ ରାଣୀମୁଣ୍ଡା ଗ୍ରାମର ଡ୍ୟାମ୍ ପାଖରେ ଗଭୀର ନଳକୂପ ଖୋଳାଯାଇଥିଲା। କମ୍ପାନୀ ଗୁମାରେ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ପ୍ରଥମ କିଛି ଦିନ ଅଳ୍ପ ଅଳ୍ପ ପାଣି ଆସୁଥିବା ବେଳେ ପରେ ଆଉ ଆସିଲା ନାହିଁ। ଏହି ଗ୍ରାମଟି ବହୁତ ଉଚ୍ଚରେ ଥିବାରୁ ପାଣି ଆସୁନଥିବା ସନ୍ଦେହ କରାଯାଉଛି। ଗ୍ରାମରେ ଶହେରୁ ଉର୍ଦ୍ଧ୍ୱ ପରିବାର ଓ ପାଖାପାଖି ଚାରି ଶହ ଲୋକ ରହନ୍ତି। ଗ୍ରାମରେ ଛଅଟି ପଡ଼ାଥିବା ବେଳେ ସବୁ ପଡ଼ାରେ ପାଣି ସମସ୍ୟା। ବିଶେଷ କରି ବସ୍ତି ପଡ଼ାରେ ପଚାଶ ପରିବାର ଥିବା ବେଳେ ଦୁଇଟି ନଳକୂପ ଅଛି। ତହିଁରୁ ଗୋଟିଏ ନଳକୂପରୁ ଖରାପ ପାଣି ବାହାରୁଥିବା ବେଳେ ଅନ୍ୟ ଗୋଟିଏ ନଳକୂପ ଉପରେ ପଡ଼ାବାସୀ ନିର୍ଭର କରନ୍ତି। ଏକ ନଳକୂପରେ ଭିଡ଼ ଜମୁଥିବା ବେଳେ ପାଣି ମଧ୍ୟ କମ୍ ବାହାରିଥାଏ। ଗାଁର ମହିଳା ମାନେ ରାତି ଅଧରୁ ପାଣି ପାଇଁ ଜଗି ରହନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କେହି ଶୁଣୁନଥିବା ଲୋକେ କହୁଛନ୍ତି। ପାଣି ସମସ୍ୟା ସମାଧାନ ନହେଲେ ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଧମକ ଦେଉଛନ୍ତି ଗ୍ରାମବାସୀ। ଏବେ ଖରା ଋତୁ ଆରମ୍ଭ ହେଉଛି। ଖରା ଆରମ୍ଭରେ ଯଦି ପାଣି ସମସ୍ୟା ଦେଖା ଦେଲାଣି ତାହାହେଲେ ଆଗକୁ ପରିସ୍ଥିତି କଣ ହେବ। ଗାଆଁ ଗାଆଁରେ ବସୁଧା ଯୋଜନାରେ ପାଣି ଯୋଗାଣ ବ୍ୟବସ୍ଥା କରାଯାଉଥିବା ବେଳେ ଦୂର ଦୃଷ୍ଟି ଅଭାବରୁ କମ୍ପାନୀ ଗୁମାରେ ପାଣି ପହଞ୍ଚି ପାରୁନି। ଏଥିପାଇଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯୋଜନା ଫେଲ୍ ମାରିଥିବାରୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ସ୍ପଷ୍ଟ ବାରି ହେଉଛି। ଏନେଇ ଖଡ଼ିଆଳ ବିଡ଼ିଓଙ୍କୁ ପଚାରିବାରୁ ଦିନକ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କାର ଜଳ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି। ସ୍ଥାନୀୟ ବିଡ଼ିଓଙ୍କ ଅବଗତ ପରେ କମ୍ପାନୀ ଗୁମା ଗ୍ରାମବାସୀଙ୍କ ଜଳ ସଙ୍କଟ କେବେ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା।

# ମାର୍ଚ୍ଚ ୨୯ରେ ଗୁଣୁପୁରରେ ହେବ ଶିଶୁ ମହୋତ୍ସବ




**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଶିଶୁ ମାନଙ୍କ ପ୍ରତିଭା ଓ ସେମାନଙ୍କ ମାନସିକ ବୌଦ୍ଧିକ ବିକାଶ ନିମନ୍ତେ ଗୁଣପୁରରେ ଶିଶୁ ଉତ୍ସବ କରିବା ସକାଶେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟ ବିଦ୍ୟାନିକେତନ ଆମ୍ବ ତୋଟା ଠାରେ ବହୁ ବୁଦ୍ଧିଜୀବୀ, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟତ୍ରୀ/ ୱାର୍ଡର କାଉନ୍ସିଲର ସମସ୍ତ କମିଟିର ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଚୁଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ପ୍ରତିଯୋଗିତା ଉତ୍ସବ ଏବଂ କାର୍ଯ୍ୟକ୍ରମରେ ସାମୁହିକ ବିକାଶ ଓ ସାମୁହିକ ପ୍ରତିଭା ଲୋକଲୋଚନକୁ ଆଣିବାର ଗୁଣପୁରରେ ସର୍ବଦା ପ୍ରୟାସ କରାଯାଇଛି। କେବଳ ଶିଶୁମାନଙ୍କ ନିମନ୍ତେ ଯୋଜନା କରିପାରିଲେ ଗୁଣପୁରର ଶିଶୁମାନେ ମଧ୍ୟ ରାଷ୍ଟ୍ରୀୟ ଓ ପ୍ରଦେଶ ସ୍ତରରେ ଉଚିତ୍ ସ୍ଥାନ ପାଇପାରିବେ ବୋଲି ସମସ୍ତ ଅତିଥି ମତ ପୋଷଣ କରିଥିଲେ। ଗୁଣପୁରର ଶିଶୁ ଯାହାଙ୍କ ବୟସ ୧ରୁ ୧୫ ବର୍ଷଙ୍କ ନିମନ୍ତେ ଏକ ଉଚିତ୍ ଭିତ୍ତିଭୂମି ନେଇ ସେମାନଙ୍କ ସ୍ୱତନ୍ତ୍ର ବିକାଶ ସକାଶେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହି ଶିଶୁ ଉତ୍ସବକୁ ଶିଶୁ ପ୍ରତିଭା ବିକାଶ ମଞ୍ଚ, ଗୁଣପୁର ପରିକଳ୍ପନାରେ ଚିନ୍ତନ କରାଯାଇଥିବାରୁ ସମସ୍ତ ବୁଦ୍ଧିଜୀବୀ ଓ ଗ୍ରାମବାସୀ ସାଧୁବାଦ ଦେଇଥିଲେ। ଏହି ବୈଠକରେ ଶିଶୁ ଉତ୍ସବ ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ପଟ୍ଟନାୟକ, ଉପସଭାପତି ଶିକ୍ଷାବିତ୍ ତଥା ସମାଜସେବୀ ରାଜେଶ କୁମାର ପଣ୍ଡା, ସମ୍ପାଦକ ସମାଜସେବୀ ଲକ୍ଷ୍ମୀ ମହାକୁଡ, ସହସମ୍ପାଦକ ସମାଜସେବୀ ଚାରୁବାଳା ଶତପଥୀ ଓ କୋଷାଧ୍ୟକ୍ଷ ସୂର୍ଯ୍ୟପ୍ରକାଶ ପଟ୍ଟନାୟକଙ୍କ ସମେତ କମିଟି ଉପଦେଷ୍ଟା ଡଃ. ପ୍ରଶାନ୍ତ କୁମାର ହୋତା, ବାବା ପ୍ରସାଦ, ବରିଷ୍ଠ ଓକିଲ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ମାର୍ଚ୍ଚ ୨୯ରେ କରିବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ଆବାହକ ଶକ୍ତି ଦାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଉପସ୍ଥାପନା କରିଥିବାବେଳେ ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ଅନନ୍ତ କୁମାର ପାତ୍ର ପ୍ରଦାନ କରିଥିଲେ। ବୈଠକ ଶେଷରେ ଆଇନ୍‌ଜୀବୀ ତଥା ସାମାଜସେବୀ ଦିଲ୍ଲୀପ କୁମାର ରାଜଗୁରୁ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଞ୍ଚର ସମସ୍ତ ସଦସ୍ୟ ସୂଚାରୁରୂପେ ପରିଚାଳନା କରିଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ:ଜମି ଅଧିଗ୍ରହଣ ଓ ରାଜସ୍ୱ ମାମଲାର ସମୀକ୍ଷା

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ମନ୍ତ୍ରୀ ସକାଳେ ସମ୍ବଲପୁରରୁ ବାହାରି ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କ ଦର୍ଶନ କରିବା ସହ ମଧ୍ୟାହ୍ନରେ ମନ୍ତ୍ରୀ କେନ୍ଦୁଝର ସାର୍କିଟ୍ ହାଉସ୍‌ରେ ପହଞ୍ଚି ଜିଲ୍ଲାସ୍ତରୀୟ ରାଜସ୍ୱ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଚାଲିଥିବା ଜମିଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରାୟ ୩୧୨.୮୭ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ଏହି ପ୍ରକଳ୍ପ ପାଇଁ ମୋଟ୍ ୬୨.୬୦ ଏକର ଜମିର ଆବଶ୍ୟକତା ରହିଛି। ଏଥିମଧ୍ୟରୁ ୧୩.୫୦ ଏକର ସରକାରୀ ଜମି ଏବଂ ୧୫.୩୫ ଏକର ବେସରକାରୀ ଜମିର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀ ନିବାସ ଓ ପ୍ରସାଦ ସେବନ ହଲ୍ ପାଇଁ ମାଟି ପରୀକ୍ଷା ସରିଥିବା ବେଳେ ୪୦% ଜମି ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର



କରାଯାଇଛି। ବିଶେଷ କରି 'ପାଟଣା ମେଗା ଷ୍ଟିଲ୍ ପ୍ଲାଣ୍ଟ' ପାଇଁ ଆବଶ୍ୟକ ହେଉଥିବା ୨୪୦୭.୩୬ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପରେ ଚେମନା ଓ ଯମୁନାପୋଷୀ ପଞ୍ଚାୟତର ୧୨ଟି ଗ୍ରାମ ଅନ୍ତର୍ଭୁକ୍ତ ହେଉଥିବାରୁ ସାମାଜିକ ପ୍ରଭାବ ଆକଳନ ପାଇଁ ପାଣ୍ଠି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମାନ୍ୟବର ମନ୍ତ୍ରୀ କେବଳ ପୃଥକ ଭାବେ ଯୋଜନା କରିବା ଯଥେଷ୍ଟ ନୁହେଁ, ବରଂ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ବା 'ଇଣ୍ଟିଗ୍ରେସନ' ଜରୁରୀ। ଏହାଦ୍ୱାରା ଜଣେ ହିତାଧିକାରୀ ସମସ୍ତ ସୁବିଧା ଏକାସାଙ୍ଗରେ ପାଇପାରିବେ। ଜମିହୀନଙ୍କ ପାଇଁ ସ୍ୱତନ୍ତ୍ର 'ଲେ-ଆଉଟ୍' ବ୍ୟବସ୍ଥାରେ ଯେଉଁ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ, ସେମାନଙ୍କ ପାଇଁ ସରକାରୀ ସିଙ୍ଗଲ୍ ଜାଗାରେ ଏକ ମାଷ୍ଟର ପ୍ଲାନ୍ ବା 'ଲେ-ଆଉଟ୍' ପ୍ରସ୍ତୁତ କରାଯିବ। ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ଘର ପାଇଁ ପ୍ଲଟ୍ ଚିହ୍ନଟ କରି ସେଥିରେ ଆବଶ୍ୟକୀୟ ରିମାର୍କ ପ୍ରଦାନ କରାଯିବ, ଯାହାଫଳରେ ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଏହି ବ୍ୟବସ୍ଥାକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ସହ ଯୋଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ଅତି ଗରିବ ଶ୍ରେଣୀର ଲୋକମାନେ ଜମି ପାଇବା ସହ ସରକାରୀ ସହାୟତାରେ ପକ୍କାଘର ନିର୍ମାଣ କରିପାରିବେ। ଏହି ପଦକ୍ଷେପ ଦ୍ୱାରା ଲୋକଙ୍କ ବହୁଦିନର କଷ୍ଟ ଦୂର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ବର୍ତ୍ତମାନର ବାଲି ଘାଟ ନିଲାମ ପ୍ରକ୍ରିୟା ପରିବର୍ତ୍ତେ ଏଣିକି 'ଇ-ଲଟେରୀ'ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ବାଲିର ଏକ ସର୍ବାଧିକ ଦର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହାଦ୍ୱାରା ବଜାରରେ ବାଲିର ଦର ନିୟନ୍ତ୍ରଣରେ ରହିବ। ତହସିଲ ସ୍ତରରେ ଇ-ଲଟେରୀ ପ୍ରକ୍ରିୟାକୁ ପରିଚାଳନା କରିବା ଏବଂ ଲିଜ୍ ପ୍ରଦାନ କରିବା ଏହି ବିଭାଗର ଦାୟିତ୍ୱ ବୋଲି ଏହି ବୈଠକରେ ମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ରକୁମାର ପ୍ରଧାନ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାୟକ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡାଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ତହସିଲଦାର ଓ ବିଭାଗର ଉପରିସ୍ଥ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଣାମ ଭାରତ ପକ୍ଷରୁ ନିଯୁକ୍ତି ମେଳା

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ କଲେଜ୍ ପରିସରରେ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀସାମାଜିକ ସଙ୍ଗଠନ 'ପ୍ରଣାମ ଭାରତ' ପକ୍ଷରୁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇ ଏହି ମେଳାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ସଙ୍ଗଠନ ସଭାପତି ତ୍ରିଭୁବନ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱର ଭାରପ୍ରାପ୍ତ ଆଇଆଇସି ଅଶୋକ କୁମାର ବାରିକ, ଅନ୍ୟତମ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ପ୍ରତାପ କୁମାର ପ୍ରଧାନ, ଆଇଏଫ୍‌ଡି କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ତାପସ ଡିଗର, ସହକାରୀ ମାନବ ସମ୍ବଳ ଅଧିକାରୀ ଚିତ୍ତରଞ୍ଜନ ଦାସ, ବିନୋଦ ମହାରଣା, ଅବସରପ୍ରାପ୍ତ ଏସ୍‌ପି ଉମେଶ କୁମାର ପଣ୍ଡା, ପ୍ରଣାମ ଭାରତର ମୁଖ୍ୟ ସଂଯୋଜକ ଇଂ ପରମାନନ୍ଦ ମହାପାତ୍ର, ଆଇନଜୀବୀ ନୃସିଂହ ଦାସ ମହାପାତ୍ର, ସୁକୁମାର ରଣା, ଫାଲ୍‌ଗୁନୀ ପାଣିଗ୍ରାହୀ, ସମୀର ପାତ୍ର, କାଉନସିଲର ଶିବ ନାରାୟଣ ମହାପାତ୍ର, ଅଞ୍ଜନ ଦାସ, ଆରତୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶତାଧିକ ଯୁବକ ଯୁବତୀ ମେଳାରେ ଭାଗ ନେଇଥିବାବେଳେ ୬୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ପ୍ରଫେସର ଓମ୍‌ପ୍ରକାଶ ଗିରି, ସୋମନାଥ ସାନ୍ତା, ବିଶ୍ୱରଞ୍ଜନ ଦାସ, ଏସ୍କେ ଦିୱାନ୍ ଅହମ୍ମଦ, ଶାନ୍ତନୁ ସାମନ୍ତ, ଜଳେଶ୍ୱର କାନାରା ବ୍ୟାଙ୍କ ପକ୍ଷରୁ ଅଞ୍ଜଳି ମିଶ୍ର, ଉତ୍ତମ କୁମାର ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. ପ୍ରତାପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋଭ ଦେଖାଇ ଠକୁଛନ୍ତି ବୁଲା ବେପାରୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

କମ୍ପାନୀ ପ୍ରଚାର ପାଇଁ କମ୍ ମୂଲ୍ୟରେ ଜିନିଷ ଯୋଗାଇ ଦିଆଯାଉଛି। ଏଣୁ ପସନ୍ଦର ଜିନିଷ ଅଧା ଦାମ୍ କିମ୍ବା କମ୍ ମୂଲ୍ୟରେ ଯୋଗାଇ ଦେବାକୁ ଲୋଭ ଦେଖାଇ ବୁଲା ବିକାଳି ଠକି ଦେଇଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାୟକ ଏହିପରି ଏକ ଠକାମିର ଶିକାର ହୋଇଥିବା ଜଣାପଡିଛି। ଗତ ୨୨ ତାରିଖ ଦିନ ନିଜ ଘର କଲ୍ୟାଣିରେ ଥିବାବେଳେ ଦୁଇଜଣ ଯୁବକ ବିଭିନ୍ନ ଜିନିଷ ବିକ୍ରି କରୁଛନ୍ତି ବୋଲି କହି ତାଙ୍କ ନିକଟରେ ପହଞ୍ଚିଥିଲେ। ୩୫୦ ଟଙ୍କାର କୁପନ୍ ଦେଇ ଗୋଟିଏ ଜିନିଷ ମାଗଣାରେ ଦେବାକୁ କହି ଗ୍ରାଇଣ୍ଡର, ପ୍ରେସର୍ କୁକର, ସୌର ଚୁଲା ଭଳି ନାନା ଜିନିଷର ତାଲିକା ଦେଇଥିଲେ। ଶ୍ରୀ ନାୟକ ସୌର ଚୁଲା ରଖିବା ପରେ ପରବର୍ତ୍ତୀ ଦ୍ରବ୍ୟ ଅଧା ଦାମ୍‌ରେ ମିଳିବ ବୋଲି କହି ବିଭିନ୍ନ ଜିନିଷ ତାଲିକା ଦେବା ପରେ ଶ୍ରୀ ନାୟକ ଏକ ସାଇକେଲ କିଣିବା ପାଇଁ ଆଗ୍ରହ ଦେଖାଇଥିଲେ। ସାଇକେଲ ମୂଲ୍ୟର ଅଧାଦାମ୍ ବାବଦରେ ୪ ହଜାର ଟଙ୍କା ଦେବା ପାଇଁ ବିକ୍ରେତା ଯୁବକ କହିବା ସହ ଟଙ୍କା ଦେବାର ଘଣ୍ଟାଏ ପରେ ସାଇକେଲ ମିଳିବ ବୋଲି କହିଥିଲେ। ଶ୍ରୀ ନାୟକ ଫୋନ୍ ପେ ଯୋଗେ ୪ ହଜାର ଟଙ୍କା ଦେଇଥିଲେ। ମାତ୍ର ସାଇକେଲ ମିଳିବା ତ ଦୂରର କଥା ଯୁବକଙ୍କ ଦ୍ୱାରା ଦିଆଯାଇଥିବା ଫୋନ୍ ନମ୍ବର କେହି ଧରୁନଥିବା ଶ୍ରୀ ନାୟକ କହିଛନ୍ତି। ସେ ଯେଉଁ ଫୋନ୍ ପେ ନମ୍ବରରେ ଟଙ୍କା ପଠାଇଛନ୍ତି ସେ ମଧ୍ୟ କୌଣସି ଉତ୍ତର ଦେଉନାହାନ୍ତି ବୋଲି ଶ୍ରୀ ନାୟକ କହିବା ସହ ଠକେଇର ଶିକାର ହୋଇଛନ୍ତି ଜାଣିବା ପରେ ଗଣମାଧ୍ୟମ ଜରିଆରେ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ନିଜ ବୋକାମି ବଖାଣିଛନ୍ତି। ଏଥିନେଇ ସେ ଏପର୍ଯ୍ୟନ୍ତ ପୋଲିସକୁ ଅଭିଯୋଗ ଦେଇନଥିବା କହିଛନ୍ତି।

# ଯୌଥ ପରିବାରର ସୁରକ୍ଷା ନିମନ୍ତେ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଗୁପ୍ତ କ୍ଷେତ୍ର ସଖୀବଟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜ ବିଗିଡି ଯାଇଛି। ସ୍ୱାର୍ଥ ଅର୍ଥର ବଶବର୍ତ୍ତୀ ହୋଇ, ମଣିଷ ବୈକୁଣ୍ଠ ସମ୍ମାନ ସ୍ନେହ ଶ୍ରଦ୍ଧାରେ ବନ୍ଧା ଯୌଥ ପରିବାରକୁ ଭାଙ୍ଗି ଦେଉଛି। ନିଜେ ସବୁକଥା ବୁଝି, ନିଜର ଦୃଷ୍ଟିକୋଣ ବଦଳାଇ, ସକାରାତ୍ମକ ମନୋଭାବ ପୋଷଣ କରି, ପ୍ରତ୍ୟେକ ମଣିଷ ସୁସଂସ୍କାର ବରଣ କରିନେଲେ ଓ ନିଜ ଦାୟିତ୍ୱ ନିଜେ ତୁଲାଇଲେ ପୁଣି ଥରେ ଯୌଥ ପରିବାର ଗଢି ଉଠିବ ଓ ବସୁଧୈବ କୁଟୁମ୍ବକମ୍ ତଥା ରାମରାଜ୍ୟ ସ୍ୱପ୍ନ ସାର୍ଥକ ହୋଇପାରିବ ବୋଲି 'ଏକତା -୨୬'ରେ ଯୌଥ ପରିବାରର ସୁରକ୍ଷା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଞ୍ଚରେ ବଳଦେବଙ୍କ ବଡ଼ପଣ୍ଡା କେଶବ ଚନ୍ଦ୍ର ପତ୍ରି, ରାଷ୍ଟ୍ରପତି / ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ, ରମେଶ ଚନ୍ଦ୍ର ମହାନ୍ତି, ବିନୋଦ ମହାନ୍ତି, ନାଟ୍ୟକାର ଅଜୟ କୁମାର ଜେନା, ଖଣ୍ଡଗିରିର ଭାଇରାଲ୍ ବାବା ଅସିତ୍ ବାବା, ବ୍ରଜ କିଶୋର ସାହୁ, ମାହାଳ ଜଗନ୍ନାଥ ମନ୍ଦିରର ଦେବଦାସୀ ମୋହିନୀ ମା', ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ଶାନ୍ତି ମା' ଓ ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ ଅତିଥି ଆସନ ଅଳଙ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସଂଗଠନର ଶୁଭେଚ୍ଛୁ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, କେନ୍ଦ୍ରାପଡ଼ାର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା, ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଗଣ, ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ପ୍ରଚେଷ୍ଟା କରିଥିଲେ। ପରିଶେଷରେ ସମ୍ପାଦକ ରାଜେଶ କୁମାର ବାରିକ ଉକ୍ତ ମଙ୍ଗଳମୟ କାର୍ଯ୍ୟରେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।



# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଲା ନୂଆଁ ଫଳ ଆଉ ଫୁଲ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଫାଲଗୁନ ପୂର୍ଣ୍ଣିମା ଗୁଁଡ଼ିଖାଇ ଦିନ ନୂଆଁ ଫଳ ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କୁ ଅର୍ପଣ କରାଯାଏ। ନୂଆଁଖାଇରେ ଯେପରି ପ୍ରଥମ ଶସ୍ୟ ଦେବଦେବୀଙ୍କୁ ପ୍ରଥମେ ଅର୍ପଣ କରାଯାଇଥାଏ ଠିକ୍ ସେହିପରି ଗୁଁଡ଼ିଖାଇ ଅବସରରେ ନୂଆଁ ଫଳ ଆମ୍ବ, ଚାର, ନୂଆଁ ଫୁଲ ମହୁଲ, ପଳାସ ଫୁଲ ଏବଂ ପତ୍ର, ଚଣା, ସାକରପଟିର ଭୋଗ ରଣେଶ୍ୱର ରାମଚଣ୍ଡୀ ଏବଂ ସମସ୍ତ ଦେବାଦେବୀଙ୍କୁଅର୍ପଣ କରାଯାଇଥାଏ। ଏଥିପାଇଁ ରବିବାର ପୂର୍ବାହ୍ନରେ ସମ୍ବଲପୁର ଗୋପାଳମାଳର ଗୋଲାପ ବାରିକ ପଳାସ ଫୁଲ, ପଳାସ ପତ୍ର, ପଳାସ ପତ୍ରର ଦନା, ଆମ୍ବ, ମହୁଲ, ଚାର, ଚଣା ଗୁଡ଼ ଏବଂ ସାକରପଟି ସଂଗ୍ରହ କରି ମନ୍ଦିର ପୂଜକମାନଙ୍କୁ ଅର୍ପଣ କରିଛନ୍ତି। ଉପଦେଷ୍ଟା ହାରାଧନ ପ୍ରଧାନ, ସମ୍ପାଦକ ରଞ୍ଜନ ପାତ୍ର ପୂଜକ ବାସୁଦେବ ଭୋଇ ପୂଜକ ଦେବୀ ପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣମୀ ମଙ୍ଗଳବାର ଦିନ ଚନ୍ଦ୍ରଗ୍ରହଣ ଥିବାରୁ ଏହି ଦିନ ସକାଳ ସୂର୍ଯ୍ୟ ଉଦୟ ଆଗରୁ ବିଶେଷ ପୂଜା ସହ ଦେବଦେବୀଙ୍କୁ ଗୁଁଡ଼ି ଭୋଗ ଅର୍ପଣ କରିବା ସହ ପୂଜା କାର୍ଯ୍ୟ ସମାପନ ହୋଇଛି।

# ଜଗତସିଂହପୁର ଜିଲ୍ଲାରେ ଏଚ୍‌ପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟୀକାକରଣ ଅଭିଯାନ ରବିବାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଅମରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଏମ୍‌ସିଏଚ୍ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ, ଡା. ସନ୍ତୋଷ ବେହେରା, ମେଡିସିନ୍ ବିଶେଷଜ୍ଞ ଡା. ସିଦ୍ଧାର୍ଥ ଦାସ, ଶିଶୁ ବିଶେଷଜ୍ଞ ଡା. ଶାହୀଦ ସ୍ୱର୍ ଆଲି, ରାଜେଶ ପଟ୍ଟନାୟକଙ୍କ ସହିତ ସନ୍ଧ୍ୟାରାଣୀ ପଣ୍ଡା, ଡେପୁଟି ମ୍ୟାନେଜର, ସୁବ୍ରତ କୁମାର ମହାପାତ୍ର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅଶୋକ କୁମାର ସାହୁ, ଜିଲ୍ଲା ଡାଟା ମ୍ୟାନେଜର, ସସ୍ମିତା ସାହୁ, ହସ୍ପିଟାଲ୍ ମ୍ୟାନେଜର, ସଚିନ କୁମାର ସାହୁ ହସ୍ପିଟାଲ୍ ମ୍ୟାନେଜର, ଅମିତା ପଣ୍ଡା, କମ୍ୟୁନିଟି ମ୍ୟାନେଜର, ମନୋରଞ୍ଜନ



ମହାପାତ୍ର ଏପିମ, ପାର୍ଥସାରଥୀ କରଶର୍ମା, ଡ.ଭି.ଲ.ମ, ରାଜେଶ କୁମାର ପତି, ଆଇସିଏଇ, ମନୋରଞ୍ଜନ ମହାପାତ୍ର ସିସିଟି, ଆଶା ଭଉଣୀ ମାନେ, ସ୍ୱାସ୍ଥ୍ୟ କର୍ମୀମାନେ, ୧୪ ବର୍ଷର ୪୦ ଜଣ ଝିଅମାନେ ଓ ସେମାନଙ୍କର ଅଭିଭାବକମାନେ ଏହି ଶୁଭାରମ୍ଭରେ ଯୋଗଦେଇଥିଲେ। ଏହି ଅଭିଯାନ ଜିଲ୍ଲାର କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ଅଭିହିତ କରାଯାଇଛି। ଅଭିଯାନର ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ କହିଲେ ଏହି ଏଚ୍‌ପିଭି ଟୀକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା, ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ। ଜିଲ୍ଲାରେ ୧୪ ବର୍ଷ ବୟସ୍କ (୧୪ ବର୍ଷ ପୂରଣ କରିଥିବା କିନ୍ତୁ ୧୫ ବର୍ଷ ପୂରଣ ନକରିଥିବା) ମୋଟ୍ ୭,୪୯୭ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧିନରେ ଟୀକା ପ୍ରଦାନ କରାଯିବ। ଏହି ଅଭିଯାନ ଅନୁସାରେ ପ୍ରତ୍ୟେକ ଲାଭାନ୍ୱିତାଙ୍କୁ ଗାର୍ଡାସିଲ-୪ ଟୀକାର କେବଳ ଏକମାତ୍ର ଡୋଜ୍ ଦିଆଯିବ। ଏହି ଟୀକା ଚାରି ପ୍ରକାର ଏଚ୍‌ପିଭି ଭାଇରସ୍ ବିରୋଧରେ ସୁରକ୍ଷା ଦେଇଥାଏ। ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ପରେ ଏହି ଟୀକାକରଣ ଅଭିଯାନକୁ ପର୍ଯ୍ୟାୟକ୍ରମେ ସମଗ୍ର ଜିଲ୍ଲାରେ ଚାଲୁ କରାଯିବ। ଏହା ଅନ୍ତର୍ଗତ-ଜିଲ୍ଲାର ୮ଟି ବ୍ଲକ୍ ମୁଖ୍ୟାଳୟ ସମୁଦାୟ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ବ୍ଲକ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଗ୍ରାମସ୍ତରର ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଟୀକାକରଣ କାର୍ଯ୍ୟକ୍ରମ ଚାଲିବ ଓ ସମସ୍ତ ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ନେଇ ସମସ୍ତ ହସ୍ପିଟାଲ୍ ମାନଙ୍କରେ ଏଇ ଟିକା ନିଶ୍ଚିତ ଦେବା ପାଇଁ ଅନୁରୋଧ କରିଥିଲେ। ପ୍ରଧାମନ୍ତ୍ରୀଙ୍କର ଏଇ ପଦେକ୍ଷପ ସବୁ ମହିଳାମାନଙ୍କ ପାଇଁ ନିଶ୍ଚିନ୍ତ ଭାବରେ ଜରାୟୁ ଗ୍ରୀବା କର୍କଟରୁ ରକ୍ଷା କରିବ ବୋଲି ଉଲ୍ଲେଖ କରିଥିଲେ। ଏହି ଟୀକାକରଣ ଅଭିଯାନ ସମୟସୀମା ମାର୍ଚ୍ଚ ୨୦୨୬ ରୁ ମଇ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟସୀମା ମଧ୍ୟରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷ ଟୀକାକରଣ ଅଧିବେଶନ ଆୟୋଜନ କରାଯିବ। ପରବର୍ତ୍ତୀ ବ୍ୟବସ୍ଥା: ଅଭିଯାନ ପରେ ଯେଉଁ ୧୪ ବର୍ଷ ବୟସ୍କ କିଶୋରୀମାନେ ଟୀକା ପାଇନାହାନ୍ତି, ସେମାନଙ୍କୁ ରୁଟିନ୍ ଇମ୍ୟୁନାଇଜେସନ୍ (RI) କେନ୍ଦ୍ର ମାଧ୍ୟମରେ ଟୀକା ପ୍ରଦାନ ଜାରି ରହିବ। ଶୁଭାରମ୍ଭ କାର୍ଯ୍ୟକ୍ରମର ବିଶେଷତା ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟୀକାକରଣ ଅଭିଯାନର ଔପଚାରିକ ଶୁଭାରମ୍ଭ ଗାର୍ଡାସିଲ-୪ ଟୀକାର ପ୍ରତୀକାତ୍ମକ ଗୋଟିଏ ଡୋଜ୍ ପ୍ରଦାନ ଜରାୟୁ ଗ୍ରୀବା କର୍କଟ ସଚେତନତା କାର୍ଯ୍ୟକ୍ରମ-ସମୁଦାୟ ସଚେତନତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟରେ ଲକ୍ଷ୍ୟ ଭିତ୍ତିକ ୧୦୦ ପ୍ରତିଶତ ଟୀକାକରଣ କଭରେଜ୍ ହାସଲ କରିବାର ସଂକଳ୍ପ ରହିଛି। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ସମସ୍ତ ୭,୪୯୭ ଯୋଗ୍ୟ କିଶୋରୀଙ୍କୁ ଟୀକା ପ୍ରଦାନ କରି ଭବିଷ୍ୟତରେ ଜରାୟୁ ଗ୍ରୀବା କର୍କଟର ହାର କମାଇବା ସହିତ ମହିଳାମାନଙ୍କ ସ୍ୱାସ୍ଥ୍ୟର ସୁଧାର କରିବା ଲକ୍ଷ୍ୟ ରହିଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କ ଏହି ପଦକ୍ଷେପ ଜଗତସିଂହପୁର ଜିଲ୍ଲାର କିଶୋରୀମାନଙ୍କ ସୁସ୍ଥ ଭବିଷ୍ୟତ ନିଶ୍ଚିତ କରିବାରେ ଏକ ମାଇଲସ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ ପାଇଛି। ସର୍ବ ଶେଷରେ ସନ୍ଧ୍ୟାରାଣୀ ପଣ୍ଡା ଡେପୁଟି ମ୍ୟାନେଜର ଏଇ କାର୍ଯକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବରପାଲିରେ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ମିଳନୀ 'ଆଦ୍ୟ ଫଗୁଣ'

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପ ବରପାଲି ଠାରେ ଗଙ୍ଗାଧର କଳା ପରିଷଦ ଦ୍ୱାରା ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ କାବ୍ୟ ଫଗୁଣ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ହରି ଚରଣ ଖଟୁଆ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପ୍ରଥମ ଅଧିବେଶନରେ ସଭାପତି ଭାବେ ଡ଼. ରବୀନ୍ଦ୍ର ଗଡତିଆ ଓ ମୁଖ୍ୟ ଅତିଥି ଭାବେ ଟେକଚାନ୍ଦ ଦୁଆନ ଯୋଗଦେଇ ସମକାଳୀନ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତାର ସ୍ୱର ଶୀର୍ଷକରେ ଆଲୋଚନା କରିଥିଲେ। ସମାଜ ପ୍ରତି ଅଙ୍ଗିକାରବଦ୍ଧତା ନଥିଲେ ଭଲ ସାହିତ୍ୟ ସୃଷ୍ଟି ହୋଇପାରିବନି ବୋଲି ଡ଼. ଗଡତିଆ ମତ ଦେଇଥିଲେ। ସରୋଜ ରାଉତଙ୍କ କବିତା ପୁସ୍ତକ ଜୀବନର ପରିଭାଷା, ରୋହିତ ଦାଶଙ୍କ କଥାନୀ ବହି ଅଛିଆଁ, ସଂଗୀତା ପଣ୍ଡାଙ୍କ କବିତା ବହି ନିମଗ୍ନ ମନା, ସୁକୁମାର ଭୋଇଙ୍କ ଦ୍ୱିଭାଷିକ କବିତା ବହି ଫଗୁନ ଓ ଗୌରାଙ୍ଗ ପାଣ୍ଡେଙ୍କ ଦ୍ୱାରା ସମ୍ପାଦିତ ପତ୍ରିକା ନୂଆଁ ସକାଳର ୪୯ ତମ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭା ଆରମ୍ଭରେ ଦିବଂଗତ କବି ରାଧାମୋହନ ତ୍ରିପାଠୀ ଓ ସଂଗୀତଜ୍ଞ ସ୍ୱର୍ଗତ ଲକ୍ଷ୍ମୀ ମହନ୍ତମଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା




କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ନିମନ୍ତ୍ରିତ କବି ମାନଙ୍କୁ ନେଇ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବରେ କବି ଅଶୋକ ପୁଝାରୀ ସଭାପତିତ୍ୱ କରିଥିବା ବେଳେ କବି ଡ଼. ଶୁଭେନ୍ଦୁ ସୁଧା ଷଡଙ୍ଗୀ ଓ କବୀ ନିବେଦିତା ସ୍ୱାଇଁ ସଂଯୋଜନା ଦାୟିତ୍ୱ ତୁଲେଇଥିଲେ। ସମସ୍ତ କବିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ବିଜେନ୍ଦ୍ର ବେହେରାଙ୍କ ଦ୍ୱାରା ଅଙ୍କିତ ସୁରେନ୍ଦ୍ର ସାଏଙ୍କ ତୈଳଚିତ୍ର ଅତିଥି ମାନଙ୍କ ଦ୍ୱାରା ଅନାବରଣ ହୋଇଥିଲା, ଯାହା ହଜାରୀ ବାଗ ଜେଲ୍‌କୁ ଅର୍ପଣ କରାଯିବା ପାଇଁ ତିଆରି ହୋଇଛି। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଶିଷ୍ଟ କବି ରୋହିତ ଦାଶ। ଅଧ୍ୟାପକ ସୁବଳ ମେହେର ଓ ବିଶିଷ୍ଟ ବାଦ୍ଧ ଶିଳ୍ପୀ ଭିକାରୀ ମେହେର, ଅନୁଷ୍ଠାନର ବରିଷ୍ଠ ସଭ୍ୟ ମହାଦେବ ରାଉତ ସଭାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼. ଭଗବତୀ କର ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ଶତପଥି, ଆଶିଷ ମିଶ୍ର, ସ୍ୱାଗତମ ରଥ, ଡ଼. ଅଶୋକ ମହାପାତ୍ର, ହେମାଙ୍ଗିନୀ ଦାଶ, ପ୍ରବାସିନୀ ହୋତା, ସାବିତ୍ରୀ ପୁରୋହିତ, ପ୍ରୀତିନନ୍ଦା ପାଣିଗ୍ରାହୀ, କିରଣ ଅଗ୍ରୱାଲ, ତପସ୍ୱିନୀ ଗୁରୁ, ବିଜୟ ପ୍ରଧାନ, ଭରତ ନାୟକ କିଶୋର ସାହୁ, ସରୋଜ ଦାଶ, ଆଦି କବି ଓ ଅବସର ପ୍ରାପ୍ତ ଅଧକ୍ଷ ପତିତ ପାବନ ସାହୁ, ସାମ୍ବାଦିକ ଉମେଶ ବିଶ୍ୱାଳ ସୁରେଶ ଅଗ୍ରୱାଲ ଆଦି ବିଶିଷ୍ଟ ବ୍ୟକ୍ତିଙ୍କ ଗାରିମାମୟ ଉପସ୍ଥିତିରେ ଆଦ୍ୟ ଫଗୁଣ ସଫଳ ହୋଇଥିଲା।

# ସ୍ୱଦେଶ ଫେରିପାରୁନି ଜିମ୍ବାୱେ ଦଳ

**ନୂଆଦିଲ୍ଲୀ**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଜିମ୍ବାୱେର ଅଭିଯାନ ଶେଷ ହୋଇଛି। ଦଳ ବର୍ତ୍ତମାନ ସ୍ୱଦେଶ ଫେରିବାକୁ ଥିବାବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ବର୍ତ୍ତମାନ ଦୁବାଇ ବିମାନବନ୍ଦରକୁ ବନ୍ଦ ରଖାଯାଇଥିବାରୁ ସେମାନଙ୍କ ପାଇଁ ସମସ୍ୟା ଉପୁଜିଛି।

ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଦଳ ସୋମବାରଠାରୁ ୩ଟି ପର୍ଯ୍ୟାୟରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନଙ୍କର ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ସାମନ୍ସ ସୂଚନା ଦେଇଛନ୍ତି। ଜିମ୍ବାୱେ ଅଲରାଉଣ୍ଡର ଗ୍ରେମ୍ କ୍ରେମର ବର୍ତ୍ତମାନ ଦୁବାଇରେ ଅଛନ୍ତି। ମଧ୍ୟପ୍ରାଚ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଆକାଶପଥ ବର୍ତ୍ତମାନ ପାଇଁ ବନ୍ଦ ରହିଥିବାରୁ ସେ ସ୍ୱଦେଶ ଫେରିପାରୁ ନାହାନ୍ତି।

# କୋହଲିଙ୍କ ରେକର୍ଡ ଭାଙ୍ଗିଲେ ସାମସନ




**କୋଲକାତା**

ଭାରତୀୟ ଓପନର ସଞ୍ଜୁ ସାମସନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୫୦ ବଲରେ ଅପରାଜିତ ୯୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଟି୨୦ ବିଶ୍ୱକପ୍ ଇତିହାସରେ ଟାର୍ଗେଟର ପିଛା କରି ବିଜୟ ହାସଲ କରିବା କ୍ଷେତ୍ରରେ ଏହା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ଏଥିପୂର୍ବରୁ ଏହି ରେକର୍ଡ ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ନାମରେ ରହିଥିଲା। କୋହଲି ୨୦୨୨ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ଓ ୨୦୧୬ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ମୋହାଲିଠାରେ ଅପରାଜିତ ୮୨ ରନର ପାଳି ଖେଳିଥିଲେ। ଏହି ତାଲିକାରେ ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ୨୦୧୦ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୭୯ ରନ କରିଥିଲେ।

# ପାକିସ୍ତାନ ଖେଳାଳିଙ୍କ ଉପରେ ୫୦-୫୦ ଲକ୍ଷର ଜରିମାନା ଲଗାଇଲା ପିସିବି

**ନୂଆଦିଲ୍ଲୀ**



ବିଚରା ପାକିସ୍ତାନ। ଟି-ଟ୍ୱେଣ୍ଟି ବିଶ୍ୱକପ୍ ଖେଳିଲା। ସୁପର ୮ରୁ ଶୋଚନୀୟ ଭାବେ ପରାସ୍ତ ହେଲା। ଟୁର୍ଣ୍ଣାମେଣ୍ଟରୁ ବିଦା ହେଲା। ଏବେ ଦଳକୁ ଭାରି ପରିଣାମ ଭୋଗିବାକୁ ପଡ଼ିଛି। କ୍ରିକେଟ ବୋର୍ଡ ଦଳର ପ୍ରଦର୍ଶନ ଏବଂ ଭଲ କ୍ରିକେଟ ଖେଳିବାକୁ ନେଇ ପୁରସ୍କୃତ କରିଥାଏ। ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ରେ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦଳର ପ୍ରତି ଖେଳାଳିଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଜରିମାନରେ ଦଣ୍ଡିତ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ।

ଲାଗାତାର ଦ୍ୱିତୀୟ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍ୱକପ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ସୁପର ୮ରୁ ଦଳ ବାଦ୍ ପଡ଼ିଛି। ଶେଷ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇ ବି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲା। ଭାରତ ଏବଂ ଇଂଲଣ୍ଡ ପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କଠୁ ପରାସ୍ତ ହୋଇଥିଲା। ଏହି ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ପାକିସ୍ତାନ ଟି-ଟ୍ୱେଣ୍ଟି ବିଶ୍ୱକପ ଦଳରେ ଥିବା ଖେଳାଳିମାନଙ୍କୁ ୫୦ ଲକ୍ଷ ଲେଖାଏଁ ଟଙ୍କା ଜରିମାନା କରାଯାଇଛି। ଟି-ଟ୍ୱେଣ୍ଟି ବିଶ୍ୱକପରେ ପାକିସ୍ତାନର ଖରାପ ପ୍ରଦର୍ଶନ ସେମାନଙ୍କ ଖେଳାଳିଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କାରଣ ଭାରତ ବିପକ୍ଷରେ ପରାଜୟ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରତି ଖେଳାଳିଙ୍କ ଉପରେ ୫୦ ଲକ୍ଷ ଲେଖାଏଁ ଜରିମାନା କରିଛି। ସୂତ୍ର ଅନୁସାରେ, ଅଧିକାରୀମାନେ ଖେଳାଳିମାନଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏବେଠାରୁ ଆର୍ଥିକ ଲାଭ କେବଳ ପ୍ରଦର୍ଶନ ଉପରେ ଆଧାରିତ ହେବ। ବୋର୍ଡ ଅଧିକାରୀ ଦଳର ପ୍ରଦର୍ଶନ ଉପରେ ବହୁତ ଅସନ୍ତୁଷ୍ଟ। ଅଧିକାରୀ ସ୍ପଷ୍ଟ କରିଛନ୍ତି କି, ଭଲ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କୃତ କରାଯିବ ସହିତ ଖରାପ ପ୍ରଦର୍ଶନ ପାଇଁ ସେମାନଙ୍କୁ ଦଣ୍ଡିତ ମଧ୍ୟ ହେବାକୁ ପଡ଼ିବ। ଭାରତଠୁ ହାରିବା ପରେ ପାକିସ୍ତାନ କ୍ରିକେଟ ଟିମ୍‌କୁ ତୁରନ୍ତ ଏହି ନିଷ୍ପତ୍ତି ବାବଦରେ ଜଣାଇ ଦିଆଯାଇଛି।

# ଅଭିଷେକଙ୍କ ଉପରେ ବର୍ଷିଲେ ମନୋଜ ତିୱାରୀ

**ନୂଆଦିଲ୍ଲୀ**



୨୦୨୬ ଟି୨୦ ବିଶ୍ୱକପରେ ଅଭିଷେକ ଶର୍ମାଙ୍କ ବ୍ୟାଟ୍ ଭଲ ପ୍ରଦର୍ଶନ କରିନାହିଁ। ସେ ତାଙ୍କର ପ୍ରଥମ ତିନୋଟି ମ୍ୟାଚ୍‌ରେ ହ୍ୟାଟ୍ରିକ୍ ପାଇଁ ଆଉଟ ହୋଇଥିଲେ। ଟିମ୍ ଇଣ୍ଡିଆ ୧୯୬ ରନର ପିଛା କରୁଥିବା ବେଳେ ୱେଷ୍ଟଇଣ୍ଡିଜ ବିପକ୍ଷ ଜରୁରୀ ମ୍ୟାଚ୍‌ରେ ବି ବିଫଳ ହୋଇଥିଲେ। ଅଭିଷେକଙ୍କ ପାଇଁ ଆଶା ଅଧିକ ଥିଲା, କିନ୍ତୁ ସେ ତାହା କରିପାରିଲେ ନାହିଁ। ଏବେ, ଜଣେ ପୂର୍ବତନ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କ ଉପରେ ବର୍ଷିଛନ୍ତି ଏବଂ ତାଙ୍କ ସଟ ଚୟନକୁ ସମାଲୋଚନା କରିଛନ୍ତି। ପୂର୍ବ ଭାରତୀୟ ଷ୍ଟାର ଖେଳାଳି ମନୋଜ ତିୱାରୀ ଅଭିଷେକ ଶର୍ମାଙ୍କ ବିଷୟରେ କହିଛନ୍ତି, "ସେ ଏତେ କମ୍ ସମୟରେ ଜଣେ ଷ୍ଟାର ହୋଇଯାଇଛନ୍ତି। କିନ୍ତୁ ଯଦି ସେ ସୁପରଷ୍ଟାର ହେବାକୁ ଚାହାନ୍ତି, ତେବେ ତାଙ୍କୁ ଦଳ ପାଇଁ ମ୍ୟାଚ୍ ଜିତିବାକୁ ପଡ଼ିବ। ଭାରତରେ ବହୁତ ପ୍ରତିଯୋଗିତା ଅଛି। ଅନେକ ମ୍ୟାଚ୍ ୱିନର ଖେଳାଳି ଅଛନ୍ତି। ତେଣୁ ଅଭିଷେକଙ୍କୁ ଆଗକୁ ରହିବାକୁ ପଡ଼ିବ। ଏପରି ନୁହେଁ ଯେ ପ୍ରଶିକ୍ଷକ ଏବଂ ଦଳ ପରିଚାଳନା ତାଙ୍କ ଉପରେ ରାଗିଛନ୍ତି ଏବଂ ପରବର୍ତ୍ତୀ ମ୍ୟାଚ୍‌ରେ ତାଙ୍କୁ ବାହାର କରିଦେବେ। ତାଙ୍କର ସେହି ସ୍ୱାଧୀନତା ଅଛି।" ତିୱାରୀ ସଟ ଚୟନ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, "ଯେତେବେଳେ ଆପଣ ଆପଣଙ୍କର ଉଇକେଟ୍ ମୂଲ୍ୟ ଦିଅନ୍ତି ନାହିଁ, ସେତେବେଳେ ଆପଣ ଏହିପରି ଲୁଜ୍ ସଟ୍ ଖେଳିବାକୁ ପ୍ରବୃତ୍ତ ହୁଅନ୍ତି। ଅଭିଷେକ ଶର୍ମାଙ୍କ ପାଖରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ରନ ସ୍କୋର କରିବାର ଭଲ ସୁଯୋଗ ଥିଲା, କିନ୍ତୁ ତାଙ୍କର ଏକ ଖରାପ ଦିନ ଥିଲା। ସେ ଫିଲ୍ଡିଂ କରିବା ସମୟରେ ଦୁଇଟି କ୍ୟାଚ ମଧ୍ୟ ଛାଡ଼ିଥିଲେ। ଅଭିଷେକଙ୍କ ପାଖରେ ତିନି କିମ୍ବା ଚାରୋଟି ଡଟ୍ ବଲ୍ ପାଇଁ ମଧ୍ୟ ପୂରଣ କରିବାର କ୍ଷମତା ଅଛି।"

# ଭାରତ ପ୍ରଥମ ଥର ପାଇଁ ଆଫଗାନିସ୍ତାନ ସହିତ ଖେଳିବ ଓଡିଆଇ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ୨୦୨୬ ଟି୨୦ ବିଶ୍ୱକପ୍ ସମୟରେ ଏକ ବଡ଼ ଘୋଷଣା କରିଛି। ୨୦୨୬ ଆଇପିଏଲ୍ ପରେ, ଭାରତୀୟ ଦଳ ଗୋଟିଏ ଟେଷ୍ଟ ଏବଂ ତିନି ମ୍ୟାଚ୍ ବିଶିଷ୍ଟ ୱାନ୍‌ଡେ ସିରିଜ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ଜୁନ୍ ମାସରେ ଖେଳାଯିବ ଏବଂ ବିସିସିଆଇ କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ଗସ୍ତରେ ଏପରି ଏକ ଦଳ ସାମିଲ ହେବ ଯାହା ବିରୁଦ୍ଧରେ ଟିମ୍ ଇଣ୍ଡିଆ ଏପର୍ଯ୍ୟନ୍ତ ଗୋଟିଏ ବି ଦିନିକିଆ ସିରିଜ୍ ଖେଳି ନାହିଁ। ଏହି ସିରିଜ୍ ପ୍ରଶଂସକଙ୍କ ପାଇଁ ବହୁତ ରୋମାଞ୍ଚକର ହେବ।

ବିସିସିଆଇ ୨୦୨୬ ମସିହାରେ ଆଫଗାନିସ୍ତାନର ଭାରତ ଗସ୍ତର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ଗସ୍ତ ଜୁନ୍ ୨୦୨୬ରେ ଅନୁଷ୍ଠିତ ହେବ, ଯେଉଁଥିରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଏବଂ ତିନୋଟି ଦିନିକିଆ (ଓଡିଆଇ) ଖେଳାଯିବ। ଏହି ଗସ୍ତ ଏକ ଟେଷ୍ଟ ମ୍ୟାଚ୍ ସହିତ ଆରମ୍ଭ ହେବ, ଯାହା ଜୁନ୍ ୬-୧୦ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବାକୁ ସ୍ଥିର ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ହେବ। ପୂର୍ବ ଟେଷ୍ଟ ମ୍ୟାଚ୍ ୨୦୧୮ରେ ଖେଳାଯାଇଥିଲା, ଯାହା ଆଫଗାନିସ୍ତାନର ପ୍ରଥମ ଟେଷ୍ଟ ମ୍ୟାଚ୍ ମଧ୍ୟ ଥିଲା।

ଏହା ପରେ ଜୁନ୍ ୧୪ ତାରିଖରେ ଓଡିଆଇ ସିରିଜ୍ ଆରମ୍ଭ ହେବ। ଏହା ଏହି ଦୁଇ ଦଳ ମଧ୍ୟରେ ପ୍ରଥମ ଓଡିଆଇ ସିରିଜ୍ ହେବ। ପୂର୍ବରୁ, ସେମାନେ କେବଳ ଆଇସିସି ଇଭେଣ୍ଟ ଏବଂ ଏସିଆ କପରେ ଓଡିଆଇ ଫର୍ମାଟରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ଗୁଡ଼ିକ ଧର୍ମଶାଳା, ଲକ୍ଷ୍ନୌ ଏବଂ ଚେନ୍ନାଇରେ ଖେଳାଯିବ। ଏହା ଆଫଗାନିସ୍ତାନ କ୍ରିକେଟ୍ ପାଇଁ ଏକ ପ୍ରମୁଖ ସୁଯୋଗ ହେବ, କାରଣ ସେମାନେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରୁ ଗୋଟିଏ ବିପକ୍ଷରେ ଖେଳିବାକୁ ପାଇବେ। ଟିମ୍ ଇଣ୍ଡିଆ ଏହି ସିରିଜ୍ ସହିତ ୨୦୨୭ ଓଡିଆଇ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିବ।

ଏହି ସିରିଜ୍ ଭାରତୀୟ ପ୍ରଶଂସକଙ୍କ ପାଇଁ ଏକ ସ୍ୱତନ୍ତ୍ର ସିରିଜ୍ ହେବ। ରୋହିତ ଶର୍ମା ଏବଂ ବିରାଟ କୋହଲି ପୁଣି ଥରେ ଆକ୍ସନକୁ ଆସିବେ। ତଥାପି, ବିସିସିଆଇ ଏପର୍ଯ୍ୟନ୍ତ ଦଳ ଘୋଷଣା କରିନାହିଁ। ଆଇପିଏଲ୍ ପରେ ଦଳ ଚୟନ ଆଶା କରାଯାଉଛି।

# ସେମିଫାଇନାଲ୍‌ରେ ପହଞ୍ଚିବା ପରେ ବଡ଼ ବୟାନ୍ ଦେଲେ ସୂର୍ଯ୍ୟକୁମାର

**କୋଲକାତା**



ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ୱେଷ୍ଟଇଣ୍ଡିଜ୍‌କୁ ୫ ଉଇକେଟରେ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ବହୁତ ଭଲ ଲାଗୁଛି। ଏହା ଏକ କ୍ୱାର୍ଟର ଫାଇନାଲ ପରି ଥିଲା। ଦଳ ଯେଉଁଭଳି ଖେଳିଥିଲା ତାହା ଚମତ୍କାର ଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ୯୭ ରନ କରିବା ପରେ ଓପନର ସଞ୍ଜୁ ସାମସନଙ୍କ କଠିନ ପରିଶ୍ରମ ଫଳପ୍ରଦ ହୋଇଛି ଏବଂ ଭାରତ ଟି୨୦ ବିଶ୍ୱକପ ସେମିଫାଇନାଲରେ ଖେଳିବାକୁ ଯୋଗ୍ୟ। ସୂର୍ଯ୍ୟ କହିଛନ୍ତି, ମୁଁ ସବୁବେଳେ କହେ ଭଲ ଲୋକଙ୍କ ସହିତ ଭଲ ଘଟଣା ଘଟେ। ସଞ୍ଜୁ ବହୁତ କଠିନ ପରିଶ୍ରମ କରୁଥିଲେ ଏବଂ ଏହାର ଫଳସ୍ୱରୂପ ହୋଇଥିଲା। ପ୍ରଥମ ମ୍ୟାଚ୍ ଠାରୁ ଆମେ ଯେପରି ଖେଳୁଛୁ, ଆମେ ସେମିଫାଇନାଲରେ ରହିବାକୁ ଯୋଗ୍ୟ ଥିଲୁ। ଆମେ ଏବେ ଏହା ବିଷୟରେ ଚିନ୍ତା କରିବୁ ନାହିଁ। ଆମେ ମୁମ୍ବାଇ ଯିବୁ ଏବଂ ଦେଖିବୁ ଯେ ଆମକୁ ସେଠାରେ କ'ଣ କରିବାକୁ ପଡ଼ିବ।

ମ୍ୟାଚ୍ ପରେ ସାମସନ କହିଥିଲେ, ଯଦି ଏହା କାମ ନ କରେ ତେବେ କ'ଣ ହେବ ତାହାର ପ୍ରଶ୍ନ ସର୍ବଦା ଥିଲା। କିନ୍ତୁ ଯେତେବେଳେ ବି ସେହି ଚିନ୍ତାଧାରା ଆସେ, ମୁଁ ନିଜକୁ ବର୍ତ୍ତମାନକୁ ଫେରାଇ ଆଣେ ଏବଂ ବଲ ଦେଖୁଥାଏ, ନିଜ ଉପରେ ବିଶ୍ୱାସ ରଖି ଖେଳୁଥାଏ। ମୁଁ ଏହି ଫର୍ମାଟକୁ ବହୁତ ଦିନ ଧରି ଖେଳୁଛି। ମୁଁ ଦଶରୁ ବାର ବର୍ଷ ଧରି ଆଇପିଏଲରେ ଖେଳୁଛି ଏବଂ ଏକ ଦଶନ୍ଧି ଧରି ଦେଶ ପାଇଁ ଖେଳୁଛି। ଯେତେବେଳେ ମୁଁ ପ୍ଲେଇଂ ଇଲେଭେନରେ ନାହିଁ, ସେତେବେଳେ ମଧ୍ୟ ମୁଁ ଡଗ ଆଉଟ୍‌ରୁ ଦେଖି ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀ ଏବଂ ରୋହିତ ଶର୍ମାଙ୍କ ପରି କିମ୍ବଦନ୍ତୀଙ୍କଠାରୁ ଶିଖିଛି। ସେ କହିଥିଲେ, ଏହା ମୋ କ୍ୟାରିୟରର ସବୁଠାରୁ ବଡ଼ ଦିନ ମଧ୍ୟରୁ ଗୋଟିଏ। ଏହା ମୋ ପାଇଁ ସବୁକିଛି। ମୁଁ ଖେଳିବା ଆରମ୍ଭ କରିଥିବା ଦିନଠାରୁ, ମୁଁ ଦେଶ ପାଇଁ ଖେଳିବାର ସ୍ୱପ୍ନ ଦେଖିଥିଲି। ମୁଁ ଏହି ଦିନ ପାଇଁ ଅପେକ୍ଷା କରିଥିଲି।

# ୨୩ତମ ଫ୍ରେଣ୍ଡସ କ୍ଲବ ଫୁଟ୍‌ବଲ୍ ପ୍ରତିଯୋଗିତା : ଫାଇନାଲରେ ମନୁପାଲି



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକମୁଣ୍ଡାପଡ଼ା ପଞ୍ଚାୟତ ଖେଳପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୨୩ ତମ ମୁଣ୍ଡାପଡ଼ା ଫ୍ରେଣ୍ଡସ କ୍ଲବ୍‌ଫୁଟବଲ୍ ପ୍ରତିଯୋଗିତା ସେମିଫାଇନାଲ ଖେଳ ମନୁପାଲି ଓ ବଲାସିଙ୍ଗା ମଧ୍ୟରେ ହୋଇଥିଲା। ଏଥିରେ ଉଭୟ ଦଳ ୧-୧ ଗୋଲ ଦେବାରୁ ଖେଳ ଅମିମାଂସିତ ହୋଇଥିଲା। ଫଳରେ ଟ୍ରାଇବେକର ଜରିଆରେ ମନୁପାଲି ୫-୪ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଯାଇଛି। ଏହାର ବିଜେତା ୧ ତାରିଖରେ ମନୁପାଲି ସହିତ ଫାଇନାଲ ମ୍ୟାଚ୍ ଖେଳିବ। ଏହି ଖେଳରେ ମୁଖ୍ୟଅତିଥି ଭାବେ ମୁଣ୍ଡାପଡ଼ା ରାଜସ୍ୱ ନିରୀକ୍ଷକ ହରିପ୍ରୀୟା ପାତ୍ର, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ଷ୍ଟେଟ ବ୍ରିଗେଡ୍ ସ୍କୁଲର ପରିଚାଳକ ନବ କିଶୋର ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫ୍‌ରି ଅମିତ ନାଏକ ଖେଳ ପରିଚାଳନା କରିଥିବା ବେଳେ ଅମ୍ବରେଶ ପ୍ରଧାନ ଓ ଶ୍ରବଣ ବେହେରା ତାଙ୍କୁ ଲାଇନ୍‌ରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଭାବେ ବସୁଦେବ ସାହୁ ଦାୟିତ୍ୱ ତୁଲାଇଥିଲେ। ନିରଞ୍ଜନ ବଗର୍ତ୍ତୀ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଖେଳ ପ୍ରତିଯୋଗିତାରେ ଫ୍ରେଣ୍ଡସ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବାରିପଦା କ୍ରିକେଟ ଏକାଡେମୀରେ ଶୁଭାରମ୍ଭ ହେଲା ଆଧୁନିକ ବୋଲିଂ ମେସିନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



କ୍ରିକେଟ ଖେଳାଳିମାନଙ୍କୁ ଅଧିକ ଦକ୍ଷ ଓ ପ୍ରତିଯୋଗୀମୁଖୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ବାରିପଦା କ୍ରିକେଟ ଏକାଡେମୀ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏକାଡେମୀରେ ଆଧୁନିକ ବୋଲିଂ ମେସିନର ଶୁଭାରମ୍ଭ ହୋଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଅନୁଷ୍ଠାନିକ ଭାବେ ଏହି ବୋଲିଂ ମେସିନର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ନଗରପାଳ ଘୋଷଣା କରିଥିଲେ ଯେ, ପୌର ପରିଷଦ ପକ୍ଷରୁ ବାରିପଦା ମଧୁବନ ମିନି ଷ୍ଟାଡ଼ିୟମକୁ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଉନ୍ନତ ମାନର ଷ୍ଟାଡିୟମରେ ପରିଣତ କରିବା ପାଇଁ ଶୀଘ୍ର କାର୍ଯ୍ୟାରମ୍ଭ ହେବ। ଏହା ଦ୍ୱାରା ସ୍ଥାନୀୟ ଖେଳାଳିମାନେ ଉତ୍ତମ ପ୍ରଶିକ୍ଷଣ ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ନଗରପାଳ କହିଥିଲେ ଯେ, ବୋଲିଂ ମେସିନ ପରି ଆଧୁନିକ ପ୍ରଯୁକ୍ତି ସହାୟତାରେ ଖେଳାଳିମାନେ ବିଭିନ୍ନ ପ୍ରକାରର ବୋଲିଂ ସମ୍ମୁଖୀନ ହୋଇ ନିଜ ଖେଳ କୌଶଳକୁ ଉନ୍ନତ କରିପାରିବେ। ଏହା ତାଙ୍କୁ ଆଗାମୀ ଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଲାଭ କରିବାରେ ସହାୟକ ହେବ। ଦୀର୍ଘ ଦୁଇ ବର୍ଷ ଧରି ବାରିପଦା କ୍ରିକେଟ ଏକାଡେମୀ କୁନି କୁନି ପିଲାଠାରୁ ଆରମ୍ଭ କରି ଯୁବପିଢ଼ୀ ପର୍ଯ୍ୟନ୍ତ କ୍ରିକେଟ ପ୍ରଶିକ୍ଷଣ ଯୋଗାଇଆସୁଛି। ଏହି ଏକାଡେମୀରୁ ପ୍ରଶିକ୍ଷଣ ନେଇ ବହୁ ଖେଳାଳୀ ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ଏକାଡେମୀର ପ୍ରତିଷ୍ଠାତା ସୁଶାନ୍ତ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କାଶିନାଥ ରଣା ସହ ବହୁ କ୍ରିକେଟ ପ୍ରେମୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ଏଚ୍‌ପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲାର ଜିଲ୍ଲା ସ୍ୱାସ୍ଥ୍ୟସମିତି ବରଗଡ଼ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ ଏଚ୍‌ପିଭି ଟୀକା କରଣର ଅଭିଯାନ ଶୁଭାରମ୍ଭ ମୁଖ୍ୟ ଅତିଥି ଆଦିତ୍ୟ ଗୋଏଲ ଜିଲ୍ଲାପାଳ ବରଗଡ଼ଙ୍କ କରକମଳରେ ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ ଏଚ୍‌ପିଭି ଟିକାକରଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବରଗଡ଼ଠାରେ ଶୁଭ ଉଦ୍‌ଘାଟନ ହୋଇଯାଇଛି। ସଭାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲ୍ଲାପରିଷଦ ଅଧକ୍ଷା ମାନିନୀ ଭୋଇ ଉଦଘାଟିତ ସମାରୋହରେ ଉପସ୍ଥିତ ଥିଲେ। ଲୋକସଭା ସାଂଶାଦଙ୍କ ନୋମିନି ସୁରେଶ୍ୱର ଶତପଥି, ଡ. କୁବେର ଚନ୍ଦ୍ର ମହନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱଜିତ ଯୋଶୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁବାଷ ଅଗ୍ରୱାଲ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟକଲ୍ୟାଣ ଓ ପରିବାର କଲ୍ୟାଣ ବିଭାଗୀୟ ଅଧିକାରୀମାନେ ଓ ବିଭାଗୀୟ ସମସ୍ତ କାମର୍ମଚାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କର ବକ୍ତବ୍ୟରେ ମତାମତ ଦେଇଥିଲେ ଯେ ହ୍ୟୁମାନ ପାପୀଲୋମା ଭାଇରସ ଟିକକରଣ ପାଇଁ ୧୪ବର୍ଷର ଝିଅମାନଙ୍କୁ ଏହି ଟୀକା ଦେବା ପାଇଁ ସୋମବାର ଶୁଭାରମ୍ଭ ହୋଇଛି। ବରଗଡ଼ ଜିଲ୍ଲାରେ ୧୨୮୪ ଜଣ ଝିଅ ଏହି ଟିକା ନେବା ପାଇଁ ଯୋଗ୍ୟ ଅଛନ୍ତି। ୧୪ ବର୍ଷର ସୁସ୍ଥ କିଶୋରୀମାନଙ୍କୁ ଟୀକା ଦେବା ପାଇଁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଗଲା। ଟିକରଣର ବିଶେଷ ବିବରଣୀ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ଉକ୍ତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଆଶା ଦିଦି, ଅଙ୍ଗନବାଡ଼ି ଦିଦି, ଗାଁ କଲ୍ୟାଣୀ ଦିଦିମାନେ ସମସ୍ତେ ସଭାରେ ଉପସ୍ଥିତ ଥିଲେ। ଉକ୍ତ ମଞ୍ଚ ପରିଚାଳନା କରିଥିଲେ ଦୀପାଞ୍ଜଳି ପ୍ରଧାନ, ତାଙ୍କୁ ସହଯୋଗ କରିଥିଲେ ସୁବାଷ ଚନ୍ଦ୍ର ମିଶ୍ର। ପରିଶେଷରେ ଡ. ସୁବାଷ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ବାହାରିନରେ ଫଶିଛନ୍ତି ଶତାଧିକ ଏଫ୍‌୧ ଷ୍ଟାଫ୍

**ମନମା**

ଫର୍ମୁଲା-୧ ରେସିଂ ସହ ଜଡ଼ିତ ଶତାଧିକ ଷ୍ଟାଫ ବାହାରିନରେ ଫଶି ରହିଛନ୍ତି। ମିଡିଲ ଇଷ୍ଟରେ ଦେଖାଦେଇ ଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ସେମାନଙ୍କୁ ସ୍ୱଦେଶ ଫେରିବାକୁ ବାଟ ମିଳୁ ନାହିଁ। ମର୍ସିଡିଜ ଓ ମ୍ୟାକଲରେନ ଭଳି ଦଳର ଷ୍ଟାଫଙ୍କ ସହ ଟାୟର ଯୋଗାଣକାରୀ କମ୍ପାନୀ ପିରେଲିର ଷ୍ଟାଫ୍ ସେମାନଙ୍କ ହୋଟେଲରେ ରହିଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ବାହାରିନ ତା'ର ବାୟୁ ସୀମା ବନ୍ଦ କରି ଦେଇଛି। ବାୟୁ ସୀମା ବନ୍ଦ ହେବା ପୂର୍ୱରୁ ଯେଉଁମାନେ ବାହାରିନରୁ ଯାଇଛନ୍ତି, ସେମାନଙ୍କୁ ହଂକଂ ଓ ସିଙ୍ଗାପୁର ଦେଇ ମେଲବୋର୍ନ ନିଆଯାଇଛି। ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିକୁ ଆଉ କିଛି ଦିନ ଥିବା ବେଳେ ବାହାରିନର ବାୟୁ ସୀମା କେବେ ଖୋଲିବ, ତାହାକୁ ନେଇ ଅନିଶ୍ଚିତତା ରହିଛି। ଶନିବାରେ ସାଖିରଠାରେ ମିଶାଇଲ ମାଡ଼ ହେବା ପରେ ପିରେଲି ପକ୍ଷରୁ ଓଦା ପାଣିପାଗରେ ହେବାକୁ ଥିବା ଟେଷ୍ଟିଂ ଡ୍ରାଇଭକୁ ସ୍ଥଗିତ କରି ଦିଆଯାଇଛି।



# ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର**

ହାଇଦ୍ରାବାଦର ଗୋଚିବୋଲି ହକି କମ୍ପ୍ଲେକ୍ସଠାରେ ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ଟିକେଟ ବିକ୍ରି ସୋମବାରଠୁ ଆରମ୍ଭ ହୋଇଛି। ଟିକେଟ ଦର ୨୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଇଷ୍ଟ ଷ୍ଟାଣ୍ଡ୍ ଟିକେଟ୍ ଦର ସର୍ବାଧିକ ୧୦୦ ଟଙ୍କା ଥିଲା ବେଳେ ନର୍ଥ ଷ୍ଟାଣ୍ଡର ୫୦ ଓ ସାଉଥ୍ ଷ୍ଟାଣ୍ଡର ଦଳ ୨୫ ଟଙ୍କା ରହିଛି। ଯେପରି ଅଧିକରୁ ଅଧିକ ଦର୍ଶକ ପଡ଼ିଆକୁ ଆସିପାରିବେ ତାହାକୁ ନଜରରେ ରଖି ହକି ଇଣ୍ଡିଆ ଟିକେଟ ଦର ଏଭଳି କମ୍ ରଖିଛି। ଟିକେଟ ଜିନି ୱେବ୍‌ପୋର୍ଟାଲ୍ 'https://ticketgenie.in/ticket/FIH-Hockey-World-Cup-2026-Qualifiers'ରେ ଟିକେଟ୍ ମିଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ଭାଗ ନେଉଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଦଳ ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ମାସରେ ହେବାକୁଥିବା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ପୁଲ୍-ଏରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ଥିଲା ବେଳେ ପୁଲ୍-ବି'ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ଅଛନ୍ତି। ଭାରତୀୟ ମହିଳା ଦଳ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୯ରେ ସ୍କଟଲାଣ୍ଡ ଓ ୧୧ରେ ୱେଲ୍ସକୁ ଭେଟି ପୁଲ୍ ପର୍ଯ୍ୟାୟ ଶେଷ କରିବ। ପ୍ରତି ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ। ସେମିଫାଇନାଲ୍ ମାର୍ଚ୍ଚ ୧୩ରେ ଏବଂ ଫାଇନାଲ୍ ଓ ତୃତୀୟ ସ୍ଥାନ ମ୍ୟାଚ୍ ୧୪ ତାରିଖରେ ଖେଳାଯିବ।

# ଇଚ୍ଛାମୃତ୍ୟୁ ଦାବି ନେଇ ଧାରଣାରେ ବସିଲେ ଦିବ୍ୟାଙ୍ଗ ଯୁବତୀ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଇଚ୍ଛାମୃତ୍ୟୁ ଦାବି ନେଇ ଧାରଣାରେ ବସିଲେ ଦିବ୍ୟାଙ୍ଗ ଯୁବତୀ। ବାଲେଶ୍ୱର ଜିଲା ନୋଡିପାଟଣା ଗ୍ରାମର ଚମ୍ପାବତୀ ପଣ୍ଡା ନାମକ ଦିବ୍ୟାଙ୍ଗ ଯୁବତୀ ଧାରଣାରେ ବସିଛନ୍ତି। ଜାଗାବାଡ଼ି ସମସ୍ୟା ନେଇ ସେ ଜନପ୍ରତିନିଧି, ପ୍ରଶାସନକୁ ନ୍ୟାୟ ପାଇଁ ବାରମ୍ବାର ଦାବି ଜଣାଇଛନ୍ତି। ତାଙ୍କ ଘରର ପ୍ରବେଶ ପଥରେ ପଡ଼ୋଶୀ ଜାଗା ଛାଡୁ ନଥିବାରୁ ସେ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଏସ୍‌ପିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ହେଁ ନଅ ବର୍ଷ ଧରି ସେ ନ୍ୟାୟ ପାଇବାରୁ ବଞ୍ଚିତ ଥିବା କହିଛନ୍ତି। ବାଧ ହୋଇ ଇଚ୍ଛା ମୃତ୍ୟୁ ଦାବିରେ ସେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରୁଥିବା ଜଣାପଡ଼ିଛି।

# ଓଡ୍ରାଫ୍ ଟିମ୍ ଦ୍ୱାରା ଯୁବପିଢ଼ିମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ତାଲିମ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**




ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏ.ଜୀ.ଆର. ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବପିଢ଼ିମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ତା ୦୨.୦୬.୨୫ ଠାରୁ ୦୭.୦୬.୨୦୨୫ ପର୍ଯ୍ୟନ୍ତ ତିନୋଟି ଦଳ ଭାବେ ୯୦ ଜଣିଆ ଅଂଶଗ୍ରହଣକାରୀ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୦୯-୦୨-୨୦୨୬ ଠାରୁ ଆଜି ପର୍ଯ୍ୟନ୍ତ ତିନୋଟି ଦଳ ଭାବେ ୯୦ ଜଣିଆ ଅଂଶଗ୍ରହଣକାରୀ ସର୍ବ ମୋଟ ୧୮୦ ଜଣିଆ ଅଂଶଗ୍ରହଣକାରୀ (୬ଟି ଦଳ)ଙ୍କୁ କୋରାପୁଟରୁ ଆସିଥିବା ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଏହିଭଳି ୪ ଗୋଟି ଦଳ ହିସାବରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀଙ୍କୁ କିଭଳିଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ଏବଂ ତାହା ସହିତ ଅଂଶଗ୍ରହଣକାରୀଙ୍କ ଖାଇବା, ରହିବା ଆନୁସଙ୍ଗିକ ମୌଳିକ ସୁବିଧା କିଭଳି ଭାବେ ପ୍ରଦାନ କରାଯାଉଅଛି ତାହାକୁ ନିରୀକ୍ଷଣ କରିବା ସକାଶେ ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଏବଂ ଅଂଶଗ୍ରହଣକାରୀଙ୍କ ସହିତ ଭାବ ଆଦାନ ପ୍ରଦାନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ନିଭାଗ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ବିଭାଗ, ସାମାଜିକ ସୁରକ୍ଷା ବିକଳାଙ୍ଗ ସଶକ୍ତିକରଣ ବିଭାଗର

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଚାନକ ଭାବେ ପରିଦର୍ଶନ କରି ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।



## ମଧ୍ୟପ୍ରାଚ୍ୟରେ ଯୁଦ୍ଧ: ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତା

# ପରିସ୍ଥିତିକୁ ନେଇ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କ ସୁରକ୍ଷା ଓ ସେମାନଙ୍କର ସ୍ଥିତି ସଂପର୍କରେ ପ୍ରସ୍ତୁତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସଂଧ୍ୟାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିସ୍ଥିତିକୁ ନଜର କରି ପ୍ରସ୍ତୁତି ରହିବା ଓ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଦେଇଛନ୍ତି ।




ସୂଚନା ଯୋଗ୍ୟଯେ, ଏଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏକ ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର ୮୦୦-୪୬୩୪୨, ହ୍ୱାଟ୍ସ ଆପ୍ ନଂ-୯୭୧୫୪୩୦୯୦୫୭୧ ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଓ ସୂଚନା ନେଇ ଓଡ଼ିଶା ମୋ ପରିବାର, ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ବିଭାଗ, ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ( ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସ୍ )ଙ୍କ ସହ ମିଳିତଭାବେ ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯାଇଛି । ପରିସ୍ଥିତିକୁ ନଜରରେ ରଖାଯାଇଛି । ଓଡ଼ିଶା ପରିବାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀଙ୍କୁ ପ୍ରିତୀଶ ପଣ୍ଡା ନୋଡାଲ ଅକାରୀ ଭାବେ ସୂଚନା ଓ ସହାୟତା ପାଇଁ କାର୍ଯ୍ୟରତ ଅଛନ୍ତି (ଦୂରଭାଷ ନମ୍ବର- ୯୫୮୩୩୨ ୧୯୬୪) । ଡିଜିପି ୱାଇ ବି ଖୁରାନିଆ ବୈଠକରେ ଯୋଗଦେଇ କହିଛନ୍ତି ଯେ, ସ୍ଥିତିକୁ ଅତି ନିକଟରୁ ନଜର ରଖାଯାଇ ଆବବଶ୍ୟକ ପଦକ୍ଷେପ ନିଆଉଛି । ସଂପୃକ୍ତ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି । ପରିସ୍ଥିତି ନିୟନ୍ତଣାଧିନ ଅଛି । ସାମାଜିକ ଗଣମାଧ୍ୟମରେ ହେଉଥିବା ପୋଷ୍ଟଗୁଡିକୁ କଡ଼ାକଡ଼ି ଅନୁଧ୍ୟାନ କରାଯାଇ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି । ବୈଠକରେ ରାଜ୍ୟ ଗୃହ (ସ୍ୱରାଷ୍ଟ୍ର ବିଭାଗ) ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଆର.ପି.କୋଚେ, ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶକ ତଥା ରାଜ୍ୟ ସଂସ୍କୃତି ବିଭାଗର ସଚିବ ଡଃ. ବିଜୟକେତନ ଉପାଧ୍ୟାୟ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ସୁରକ୍ଷା ବଳର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପୂର୍ବତଟ ରେଳପଥ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳ ସୁରକ୍ଷା ବଳ (ଆରପିଏଫ)ର ମହାନିର୍ଦ୍ଦେଶକ ସୁଶ୍ରୀ ସୋନାଲି ମିଶ୍ର, ଆଇପିଏସ, ଆଜି ଭୁବନେଶ୍ୱରର ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରିଛନ୍ତି ।

ଏହି ବୈଠକରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା, ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ସମଗ୍ର ଜୋନରେ ସୁଗମ ଏବଂ ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଟ୍ରାକରେ ଯାତ୍ରୀଙ୍କ ସୁରକ୍ଷା, ଅନୁପ୍ରବେଶ ରୋକିବା ଏବଂ ରେଳ ଲାଇନ ପାର ହେବା ଭଳି ଅସୁରକ୍ଷିତ ଅଭ୍ୟାସକୁ ରୋକିବା ପାଇଁ ପଦକ୍ଷେପଗୁଡ଼ିକର ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା । ମହିଳା, ଶିଶୁ, ବରିଷ୍ଠ ନାଗରିକ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେଇ ସୁରକ୍ଷା ପରିଚାଳନା ପାଇଁ ଏକ ସକ୍ରିୟ, ସମ୍ବେଦନଶୀଳ ଏବଂ ଯାତ୍ରୀ ଅନୁକୂଳ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପାର୍ବଣ ଋତୁରେ ଭିଡ଼ ପରିଚାଳନା, ସମ୍ବେଦନଶୀଳ ସ୍ଥାନରେ ଆରପିଏଫ କର୍ମଚାରୀଙ୍କ ନିୟୋଜନ ଏବଂ ଷ୍ଟେସନ ପରିସର ଓ ପରିବହନ କ୍ଷେତ୍ରଗୁଡ଼ିକର ପ୍ରଭାବଶାଳୀ ତଦାରଖ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ମହାନିର୍ଦ୍ଦେଶକ ସମୀକ୍ଷା କରିଥିଲେ । ଆଲୋଚନା ସମୟରେ, ସୁଶ୍ରୀ ମିଶ୍ର ସତର୍କତା ଏବଂ ଶୀଘ୍ର ପ୍ରତିକ୍ରିୟା ମାଧ୍ୟମରେ ଜନସାଧାରଣଙ୍କ ଭରସା ଜୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଯାତ୍ରୀ ସୁରକ୍ଷା ଦୃଶ୍ୟମାନ, ଯୋଗାଯୋଗଯୋଗ୍ୟ ଏବଂ ଆଶ୍ୱସ୍ତିକର ହେବା ଆବଶ୍ୟକ ଯାହା ଦ୍ୱାରା ପ୍ରତ୍ୟେକ ଯାତ୍ରୀ କେବଳ ଟ୍ରେନ ଭିତରେ ନୁହେ ବରଂ ଷ୍ଟେସନ,




ପ୍ଲାଟଫର୍ମ ଏବଂ ସର୍କୁଲେଟିଂ ଅଞ୍ଚଳ ମଧ୍ୟ ସୁରକ୍ଷିତ ଅନୁଭବ କରିପାରିବେ । କର୍ମଚାରୀମାନଙ୍କୁ ସୌଜନ୍ୟପୂର୍ଣ୍ଣ ଆଚରଣ, ତୁରନ୍ତ ଅଭିଯୋଗ ସମାଧାନ ଏବଂ ଅପରାଧର ନିବାରଣ ଏବଂ ଚିହ୍ନଟ ପାଇଁ ଆଧୁନିକ ନିରୀକ୍ଷଣ ପ୍ରଣାଳୀ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ପ୍ରତି ସଚେତନ କରିବାକୁ ଅଧିକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା । ଦୁର୍ଘଟଣା ରୋକିବା ଏବଂ ଟ୍ରାକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପାଟ୍ରୋଲିଂର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ନିରାପଦ ଏବଂ ଲୋକାଭିମୁଖୀ ରେଳ ସେବା ପ୍ରତି ସମର୍ପଣକୁ ଦୋହରାଇ, ପୂର୍ବତଟ ରେଳପଥ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ଆତ୍ମବିଶ୍ୱାସ ପୂର୍ଣ୍ଣ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଆରପିଏଫ ସହ ପୂର୍ଣ୍ଣ ସହଯୋଗର ଆଶ୍ୱାସନ ଦେଇଛି ।

## ଭୁବନେଶ୍ୱରରେ ଶେଷ ହେଲା ୪ଦିନିଆ ଦକ୍ଷତା ମହାକୁମ୍ଭ

# ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା :ଚମକିଲେ ପୂର୍ବ ଭାରତର ଦକ୍ଷ ଯୁବ ପ୍ରତିଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆସ୍କିଲ୍ସ ଆଂଚଳିକ ପ୍ରତିଯୋଗିତା ୨୦୨୫-୨୬ ସୋମବାର ଭୁବନେଶ୍ୱରସ୍ଥିତ ଏସଡିଆଇଅଡିଟୋରିୟମରେ ଉଦଯାପିତ ହୋଇଛି । ଏହା ଥିଲା ଯୁବ ପ୍ରତିଭା, ବୈଷୟିକ ଉତ୍କର୍ଷତା ଏବଂ ଆଂଚଳିକ ଗୌରବର ମହାକୁମ୍ଭ । କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକ ଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ ।




ଏହି ଅବସରରେ କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଜୟନ୍ତ ଚୌଧୁରୀ କହିଛନ୍ତି, 'ଏହି ପ୍ରତିଯୋଗିତା ଆମ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଆକାଂକ୍ଷା ଏବଂ ସାମର୍ଥ୍ୟର ପ୍ରତିଫଳନ । ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏହି ପ୍ଲାଟଫର୍ମ ଶିକ୍ଷ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ଜିଲ୍ଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି, ଯାହା 'ବିକଶିତ ଭାରତ' ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।'

ସେହିପରି ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, 'ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁଯାୟୀ, ଯେତେବେଳେ ଜ୍ଞାନ ଏବଂ କୌଶଳ ଏକାଠି ହୁଏ, ସେତେବେଳେ ଦେଶର ଶକ୍ତି ବହୁଗୁଣିତ ହୁଏ । ଏହି ଯାତ୍ରାରେ, ରାଜ୍ଯ ସରକାର ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ହାସଲ କରିବା ପାଇଁ ଏକ ସ୍ୱଷ୍ଟ ଏବଂ ଭବିଷ୍ୟତମୁଖୀ ରୋଡମ୍ୟାପ୍ ଉପସ୍ଥାପନ କରି ଉଦାହରଣ ସ୍ଥାପନ କରିଛନ୍ତି । ସେହିପରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି । ସେ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ଶିକ୍ଷା ସହିତ ନିଯୁକ୍ତି ଏବଂ ନୂତନତ୍ୱର ସମନ୍ୱୟ ଏହି ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିଛି ।

ଉଦଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତି ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି । ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି । ସେହିପରି ୩୭ ଜଣଙ୍କୁ ଉତ୍କର୍ଷତା ପଦକ ଦିଆଯାଇଛି । କ୍ଲାଉଡ୍ କମ୍ପ୍ୟୁଟିଂ, ଉଘଉ ମେସିନିଂ, ମୋବାଇଲ୍ ଆପ୍ ବିକାଶ, ୱେବ୍ ଟେକ୍ନୋଲୋଜି, ଫ୍ୟାଶନ ଟେକ୍ନୋଲୋଜି ଏବଂ ୱେଲଡିଂ ପରି ଅତ୍ୟାଧୁନିକ କୌଶଳରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ । ରାଜ୍ୟୱାରୀ ପ୍ରଦର୍ଶନରେ ଓଡ଼ିଶା ଶୀର୍ଷ ସ୍ଥାନରେ ରହିଥିବା ବେଳେ ଏହା ପଛକୁ ବିହାର ଏବଂ ପଶ୍ଚିମବଙ୍ଗ ରହିଛନ୍ତି । ଆଞ୍ଚଳିକସ୍ତରରେ ବିଜେତାମାନେ ଏବେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ଆଗାମୀ ଦିନରେ ବିଶ୍ୱସ୍ତରୀୟ 'ୱାର୍ଲ୍ଡ ସ୍କିଲସ୍ ' ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇବେ । ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉତ୍ସାହ ମଧ୍ୟରେ ଶେଷ ହୋଇଥିବା ଏହି କାର୍ଯ୍ୟକ୍ରମ ପୂର୍ବ ଭାରତର ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଆଶା ଓ ଆତ୍ମବିଶ୍ୱାସ ଭରିଦେଇଛି ।

# ମାର୍ଚ୍ଚ ୫ରେ ରାଜ୍ୟବ୍ୟାପୀ ୧୧୦ତମ ବିଜୁ ଜୟନ୍ତୀ ପାଳିବ ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ବିଜୁ ଜନତା ଦଳ ତରଫରୁ ସୂଚନା ପ୍ରଦାନ କରାଯାଇଛି । ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଦେବୀ ପ୍ରସାଦ ମିଶ୍ର କହିଲେ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃତ୍ୱଙ୍କୁ ଜଣାଇ ଦିଆଯାଇଛି । ସେହିଦିନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ, ଦେଶାତ୍ମବୋଧ ସଙ୍ଗୀତ ଗାନ କରିବା ସହିତ ସମୃଦ୍ଧ ଓଡିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହାଛଡା ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ । ବିଜେଡି ମୁଖ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ । ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ପ୍ରତିବର୍ଷ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ଗଠନ ହୋଇଥିବା ବିଜୁ ଜନତା ଦଳ ସବୁବେଳେ ସେବା କାର୍ଯ୍ୟକ୍ରମରେ ବିଶ୍ୱାସ ରଖେ । ବିଜେଡି ତରଫରୁ ଆୟୋଜିତ ହେବାକୁ ଥିବା ବିଜୁ ଜୟନ୍ତୀ ଅବସରରେ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ କୀର୍ତ୍ତିକୁ ସ୍ମରଣ କରିବା ସହିତ ବିଜେଡିର ନେତା ଓ କର୍ମୀମାନେ ସେବାରେ ବ୍ରତୀ ହେବେ ବୋଲି ସଂକଳ୍ପ ନେବେ ।




## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି । ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଚିଠି । ସମସ୍ତଙ୍କୁ ନିର୍ଦ୍ଦିଷ୍ଟ ଗାଇଡଲାଇନ ପାଇଁ ନିର୍ଦ୍ଦେଶନାମା ଦିଆଯାଇଛି । ଏକାଡେମିକ୍ ଅର୍ଥାତ୍ ଇଣ୍ଟରନାଲ ପରୀକ୍ଷା ଏବଂ କ୍ଲାସ୍ ଗୁଡ଼ିକ ସକାଳୁ କରାଯିବ । ଅପରାହ୍ନ ସମୟରେ କୌଣସି ଆଉଟଡୋର କାର୍ଯ୍ୟକ୍ରମ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁଯାୟୀ ଓଆରଏସ ଏବଂ ପାନୀୟ ଜଳ ରଖାଯିବ । ଏହା ସହ ଜରୁରୀକାଳୀନ ପରିସ୍ଥିତିକୁ ଗୁରୁତ୍ୱ ସହ ନିଆଯିବ ଏବଂ ଆବଶ୍ୟକ ସ୍ଥଳୀରେ କୌଣସି ଛାତ୍ର ଛାତ୍ରୀଙ୍କ ଅସୁବିଧା ହେଲେ ତୁରନ୍ତ ହସ୍ପିଟାଲକୁ ନିଆଯିବ । ଅଭିଭାବକ ମାନେ ମଧ୍ୟ ପିଲାଙ୍କୁ ପାଣି ବୋତଲ ସହ ଶିକ୍ଷା ଅନୁଷ୍ଠାନକୁ ପଠେଇବ ଏହା ଧ୍ୟାନ ରଖିବେ ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ରାଜୁ ସିଂଙ୍କୁ ସୋମବାର ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଭାରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ଅଧ୍ୟକ୍ଷତା କରି ରାଜୁ ସିଂଙ୍କ ନିରାମୟ ଭବିଷ୍ୟତ କାମନା କରିବା ସହ ତାଙ୍କ କାର୍ଯ୍ୟ ଦକ୍ଷତା ଏବଂ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା କରିଥିଲେ । ନିର୍ଦ୍ଦେଶକ ଶ୍ରୀ ଦାସପଟ୍ଟନାୟକ ରାଜୁ ସିଂଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ରାଜୁ ସିଂ ନିଜ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ସହକର୍ମୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ । ସହକାରୀ ନିର୍ଦ୍ଦେଶକ ଶ୍ରୀ ସିଂ ଦୀର୍ଘ ବର୍ଷ ଧରି ବିଭାଗରେ ଫଟୋଗ୍ରାଫର ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ସହ ନିଜର ଦକ୍ଷତା ପାଇଁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେ ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଥିଲେ ଏବଂ ଜଣେ ଅଭିଜ୍ଞ ଫଟୋଗ୍ରାଫର ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶାସନ ସଚିବ ସେକ୍ କଲାମୁଦ୍ଦିନ୍, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ଫଟୋ ଅଧିକାରୀ ନିରଞ୍ଜନ ବରାଳ, ଗିରୀଶ କୁମାର ସ୍ୱାଇଁ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ରାଜୁ ସିଂଙ୍କ ସହ ସେମାନଙ୍କର ବନ୍ଧୁତ୍ୱ ଓ ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ଉପଶାସନ ସଚିବ ସୁନନ୍ଦା ମିଶ୍ର ଓ ଅବନୀ କାନ୍ତ ବେହେରା, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଓ ଅଶ୍ୱିନୀ ଭୋଇଙ୍କ ସମେତ ବିଭଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୫ରୁ ରତ୍ନଭଣ୍ଡାର...

ପ୍ରଥମେ ଚଳନ୍ତି, ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ । ଗଣତି ମଣତି ସମୟରେ ବାହାର କାଠ ଦର୍ଶନ ହେବ । ଶନିବାର ରବିବାର ସମେତ ଯାନି ଯାତ୍ରା ଓ ନୀତି ବହୁଳ ସମୟରେ ଗଣତିମଣତି କରାଯିବ ନାହିଁ । ଗଣତିମଣତି ସମୟରେ ଡ଼ିଜିଟାଇଜେସନ ଓ ସ୍ୱଚ୍ଛତା ଅବଲମ୍ବନ କରାଯିବ । ଏ ନେଇ କୋର୍ଟ କୁ ଅବଗତ କରାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି ।

### ଆଇଏମ୍‌ଡିର...

୭ ଏବଂ ୮ ମାର୍ଚ୍ଚରେ ବର୍ଷା ଏବଂ ତୁଷାରପାତ ହୋଇପାରେ । ୮ ମାର୍ଚ୍ଚରେ ଉତ୍ତରାଖଣ୍ଡରେ ହାଲୁକା ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି । ଏହା ବ୍ୟତୀତ, ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶରେ ମଧ୍ୟ ୩ ମାର୍ଚ୍ଚରେ ଝଡ଼ବର୍ଷା ଏବଂ ବଜ୍ରପାତ ସହିତ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।

### ଇରାନରେ...

କରିଛି ଇସ୍ଲାମିକ ରିଭଲ୍ୟୁସନାରି ଗାର୍ଡ କୋର୍ । ଅନ୍ୟପକ୍ଷରେ ଏହାକୁ ଖଣ୍ଡନ କରିଛି ଇସ୍ରାଏଲ୍ ।

ଇରାନ୍-ଆମେରିକା ଯୁଦ୍ଧରେ ଜଣେ ଭାରତୀୟଙ୍କର ବି ଜୀବନ ଯାଇଛି । ଗତକାଲି ଓମାନ ତଟରେ ତୈଳ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଏଥିରେ ୨୦ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ଭାରତୀୟ ଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

### ଅମିତ ଶାହଙ୍କ ...

ନିର୍ଦ୍ଦେଶକ ଆର ପି କୋଚେ, ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା, ଆଇଜି ଟ୍ରେନିଂ ଅନୁପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ ଅମିତ ଶାହ ମାର୍ଚ୍ଚ ୫ ତାରିଖ ସନ୍ଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡିଶାରେ ପହଞ୍ଚିବେ । ୬ ତାରିଖ ସକାଳେ କଟକ ମୁଣ୍ଡଳୀସ୍ଥିତ ସି.ଆଇ.ଏସ.ଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ଣରେ ଜଟଣୀ ଠାରେ ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ । ସେଦିନ ଅପରାହ୍ଣରେ ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

### ରାଜ୍ୟସଭା ପାଇଁ ...

ଏଠାରେ ଉଲ୍ଲେଖଯୋଗ୍ୟ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଗତ ଶନିବାର ଦିନ ରାଜ୍ୟସଭା ନିର୍ବାଚନ ପାଇଁ ସନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ତୃତୀୟ ଆସନ ଲାଗି ଘୋଷଣା କରିଥିବା ବେଳେ ଚତୁର୍ଥ ଆସନ ଲାଗି କମନ କ୍ୟାଣ୍ଡେଟ୍ ଭାବେ ଡା. ଦତ୍ତେଶ୍ୱର ହୋତାଙ୍କ ନାମ ଘୋଷଣା କରିବା ସହ ତାଙ୍କ ପ୍ରାର୍ଥୀତ୍ୱକୁ ସବୁ ରାଜନୈତିକ ଦଳର ସମର୍ଥନ ପାଇଁ ଅପିଲ କରିଥିଲେ । ତେବେ ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଡାକିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଚତୁର୍ଥ ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବା ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିବାରୁ ଏଥିରୁ ଜଣାପଡୁଛି ରାଜ୍ୟସଭା ନିର୍ବାଚନ ରୋଚକ ହୋଇପାରେ । ବିଜେପିର ପ୍ରାର୍ଥୀତ୍ୱ ନେଇ ବୈଠକରେ ଦୀର୍ଘ ସମୟ ଧରି ବିସ୍ତୃତ ଆଲୋଚନା ହୋଇଥିଲା । ଏନେଇ ୩ ପ୍ରାର୍ଥୀଙ୍କ ପାଇଁ ନାମାଙ୍କନ ପତ୍ରରେ ବିଧାୟକମାନଙ୍କ ଦସ୍ତଖତ ନିଆଯାଇଛି । ଏଥିସହ ନାମାଙ୍କନ ଭରିବା ସମୟରେ ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଯଦି କେହି ଦଳୀୟ ନିଷ୍ପତ୍ତି ବାହାରେ ଯାଇ କ୍ରସ୍ ଭୋଟିଂ କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି ।

ଅନ୍ୟପକ୍ଷରେ ରାଜ୍ୟସଭା ନିର୍ବାଚନ ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ଅନ୍ୟ ୫ ବିଧାୟକ ୧୬ ସେଟ୍ ଫର୍ମ ନେଇଛନ୍ତି । ରିଟର୍ଣ୍ଣିଂ ଅଫିସରଙ୍କ ପାଖରୁ ଏହି ୧୬ ସେଟ୍ ଫର୍ମ ନିଆଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ବିଧାୟକ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ସୋମବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲ୍‌ରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡ଼ି ପକ୍ଷରୁ ଘୋଷଣା କରାଯାଇଥିବା କମନ୍ କ୍ୟାଣ୍ଡେଟ୍ ଡାକ୍ତର ଦତ୍ତେଶ୍ୱର ହୋତା ଯୋଗଦେଇଥିଲେ । ତାଙ୍କୁ କମନ୍ କ୍ୟାଣ୍ଡେଟ୍ କରାଯାଇଥିବାରୁ ସେ କଂଗ୍ରେସ ଦଳକୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ତେବେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ରମେଶ ଜେନା ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଅନୁପସ୍ଥିତ ରହିଥିଲେ । ଏହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ନେଇ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ହେବାର ଆଶଙ୍କା ବୃଦ୍ଧି ପାଇଛି ।

# ପୂର୍ବତଟ ରେଳପଥର 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର କ୍ୟାବିନେଟ ଦ୍ୱାରା 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ କରାଯିବା ସହିତ, ପୂର୍ବତଟ ରେଳପଥ ମୁଖ୍ୟାଳୟର ସଭା ଗୃହ ଠାରେ ଏକ ଗୁରୁତ୍ୱପୂର୍ଣ ବୈଠକ ଆୟୋଜନ କରାଯାଥିଲା । ଯେଉଁଥିରେ ଏହି ସଂକଳ୍ପ ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆନୁଷ୍ଠାନିକ ଭାବରେ ପାଠ କରାଯାଇଥିଲା ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରମୁଖ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହା ସହିତ, ଜୋନର ସମସ୍ତ ମଣ୍ଡଳରେ ସମାନ ଭାବରେ ଏହି ସଭାର ଆୟୋଜନ କରାଯାଇଥିଲା । 'ସେବା ସଂକଳ୍ପ ପ୍ରସ୍ତାବ' କୁ ଆନୁଷ୍ଠାନିକ ଭାବେ ପାଠ କରାଯାଇ ପାରଦର୍ଶିତା, କାର୍ଯ୍ୟକୁଶଳତା, ଦାୟିତ୍ୱବୋଧ ଏବଂ ନାଗରିକ କେନ୍ଦ୍ରିକ ଶାସନ ପ୍ରତି ଏକ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରାଯାଇଥିଲା । ଏହି ସଂକଳ୍ପ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷଯତା, ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଯେ 'ସେବା' ହେଉଛି ଭାରତୀୟ ରେଳବାଇର ଆତ୍ମା ଏବଂ ଏହାର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି । ସେ ଅବଲୋକନ କରିଥିଲେ ଯେ ଏହି ପ୍ରତିଜ୍ଞା ଉପନିବେଶୀୟ ଯୁଗର ପ୍ରଶାସନିକ ମନୋଭାବକୁ ପରିତ୍ୟାଗ କରି ଭାରତୀୟ ମୂଲ୍ୟବୋଧ ଆଧାରିତ ଶାସନ ପ୍ରଣାଳୀକୁ ଅଙ୍ଗୀକାର କରିବାର ପ୍ରୟାସକୁ ପ୍ରତିଫଳିତ କରେ । ବୈଠକ ସମୟରେ, ପ୍ରମୁଖ ବିଭାଗୀୟ ମୁଖ୍ୟମାନେ ଦୈନନ୍ଦିନ କାର୍ଯ୍ୟରେ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଥିଲେ । ସେବା ଯୋଗାଣରେ ଉନ୍ନତି, ଯାତ୍ରୀ ସୁବିଧାକୁ ଉନ୍ନତ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । ଆଲୋଚନା ଗଠନମୂଳକ ଏବଂ ଭବିଷ୍ୟତମୁଖୀ ଥିଲା । ସଂକଳ୍ପର ସାମୂହିକ ପାଠ ପୂର୍ବତଟ ରେଳପଥର ସେବା ପ୍ରତି ସମର୍ପଣ, ଭାରତ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ଏବଂ ଲୋକକେନ୍ଦ୍ରିତ ରେଳ ସେବାକୁ ନିରନ୍ତର ଉନ୍ନତ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିପ୍ରକାଶ କରିଥିଲା ।

ଶେଷ ପୃଷ୍ଠା

ଭୁବନେଶ୍ୱର,୩ ମାର୍ଚ୍ଚ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ଅଗ୍ନିଉତ୍ସବ : ଦୋଳବେଦିରେ ବିଜେ ହେଲେ ଶ୍ରୀଜୀଉ

**ପୁରୀ,୦୨/୦୩**
**ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିରରେ ଅଗ୍ନି ଉତ୍ସବ ତଥା ମେଣ୍ଢା ପୋଡ଼ି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ ଦୋଳୋତ୍ସବର ବିଶେଷ ପର୍ବ ମେଣ୍ଢାପୋଡ଼ି ନୀତି ହୋଇଛି। ଶ୍ରୀଜୀଉ ଦୋଳବେଦିକୁ ବିଜେ ହେବା ପରେ ଏହି ବିଶେଷ ନୀତି ପାଳନ ହୋଇଛି। ମଧ୍ୟାହ୍ନ ଧୂପ ଶେଷ ପରେ ଠାକୁରଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ଦୋଳବେଦିସ୍ଥିତ ଅଗ୍ନି ଉତ୍ସବ ଗୃହକୁ ବିଜେ କରିଥିଲେ । ଅଗ୍ନି ସଂଯୋଗ ପରେ ଅଗ୍ନି ଗୃହକୁ ପ୍ରଦକ୍ଷଣ କରିଥିଲେ ଠାକୁର ଠାକୁରାଣୀ। ପ୍ରସାଦ ଲାଗି, ଶୀତଳ ଭୋଗ ଆଦି ବିଧି ମୁତାବକ ନୀତି ସରି ଚଳନ୍ତି ପ୍ରତିମା ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ।

ଦୋଳପୂର୍ଣ୍ଣମୀରେ ଗ୍ରହଣ ନୀତି ଥିବାରୁ ରାତି ଅଧରୁ ଶ୍ରୀମନ୍ଦିର ଦ୍ୱାର ଖୋଲି ନୀତି ଆରମ୍ଭ ହୋଇଛି। ଦୋଳବେଦିକୁ ବିଜେ ସମୟ ରହିଥିଲା ଅପରାହ୍ଣ ୫ଟା ୧୫ରେ । ଠାକୁରଙ୍କ ଦ୍ୱିତୀୟ ଭୋଗମଣ୍ଡପ ସରି ମଇଲମ, ମେକାପ ସର୍ବାଙ୍ଗ ନୀତି ହୋଇ ଅପରାହ୍ଣରେ ଭୂଦେବୀ ଓ ଶ୍ରୀଦେବୀ ବିଜେ ହୋଇଥିଲେ । ଠାକୁରଙ୍କ ଚାଚେରୀ ବେଶ ହୋଇଥିଲା। ଅପରାହ୍ଣରେ ଘଣ୍ଟ, ଛତା, ଫଗୁ ସର୍ବାଙ୍ଗ ନୀତିହୋଇ ବନ୍ଦାପନା ଓ ରାଜନୀତି ହୋଇଥିଲା। ସନ୍ଧ୍ୟାରେ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ବିଜେ ହୋଇ ସନ୍ଧ୍ୟା ଆଳତି ହୋଇଥିବା ବେଳେ ପରେ ଠାକୁରମାନେ ଦୋଳବେଦିକୁ ବିଜେ କରିଥିଲେ। ସନ୍ଧ୍ୟା ୭ଟା ୨୦ରେ ଠାକୁରେ ସେଠାରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଶ୍ରଦ୍ଧା ପଟୁଆରୀ କୁହନ୍ତି, ଶ୍ରୀମନ୍ଦିରର ଅଗ୍ନି ଉତ୍ସବ ତଥା ମେଣ୍ଢାପୋଡ଼ି ନୀତିକୁ ହିନ୍ଦୀ ଭାଷୀ ଶ୍ରଦ୍ଧାଳୁ କୁହନ୍ତି ହୋଲିକା ଦହନ ଉତ୍ସବ। ସେଦିନ ଉପବାସ ସହ ନିଷ୍ଠାରେ ରହିବାକୁ ହୋଇଥାଏ। ଦୋଳବେଦି ପରିସରରେ ମାରୱାଡ଼ି ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ହୋଲିକା ରାକ୍ଷସୀର ପ୍ରତିମୂର୍ତ୍ତି ତିଆରିକରନ୍ତି। ଘସି (ଶୁଖିଲା ଗୋବର)କୁ ସୁତାରେ ଗୁନ୍ଥାଇ ଛୋଟ ଛୋଟ କାଠରେ ସଜାଇ ହୋଲିକା ରାକ୍ଷସୀର ପ୍ରତିମୂର୍ତ୍ତି ଗଢ଼ିବା ପରେ ସେଥିରେ ଅଗ୍ନି ସଂଯୋଗ କରାଯାଏ । ସେଠାରୁ ପାଉଁଶ ନିଜ ନିଜ ଘରକୁ ନିଅନ୍ତି । ସେହି ପାଉଁଶରେ ବନମାଟି ମିଶାଇ ଶିବ ପାର୍ବତୀଙ୍କୁ ସ୍ଥାପନା କରି ପୁଣି ୧୬ ଦିନ ପର୍ଯ୍ୟନ୍ତ ନବବିବାହିତା ଝିଅମାନେ ପୂଜାର୍ଚ୍ଚନା କରିବେ। ଏହି ଉତ୍ସବ ହେଉଛି ଅଧର୍ମ ଉପରେ ଧର୍ମର ବିଜୟ। ଏହାଦ୍ୱାରା ଦୁଷ୍ଟ ଶକ୍ତିର ଅନ୍ତ ହେଉଥିବା ବିଶ୍ୱାସ ରହିଛି। ଏହି ପରମ୍ପରା ଅତି ପ୍ରାଚୀନ । ଜାଗରଠାରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇ ଅଗ୍ନିଉତ୍ସବକୁ ଉତ୍କଣ୍ଠାର ସହ ସମସ୍ତେ ଚାହିଁଥାନ୍ତି ବୋଲି ଶ୍ରଦ୍ଧା କହିଛନ୍ତି ।





ଜଗତସିଂହପୁର ଜିଲ୍ଲା ବିରିଡ଼ି ନିକଟସ୍ଥ ଅଲାନ୍ଦୋ ଗ୍ରାମର ଗୋପୀନାଥ ମନ୍ଦିରରେ ରାଧା କୃଷ୍ଣଙ୍କ ଦୋଳ ଉତ୍ସବ ଅନୁଷ୍ଠିତ ହେଉଛି ।

# ରାଜଧାନୀରେ ମହିଳାଙ୍କୁ ଭେଟି ଦେଲେ ରାଷ୍ଟ୍ରପତି

## ମିଳିବ ମାଗଣା ବସ୍ ଯାତ୍ରା ସୁବିଧା

**ନୂଆଦିଲ୍ଲୀ, ୦୨/୦୩**

ସୋମବାର 'ସଶକ୍ତ ନାରୀ ସମୃଦ୍ଧ ଦିଲ୍ଲୀ' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଅନେକ ମହିଳା କେନ୍ଦ୍ରିକ ଯୋଜନାର ଶୁଭାରମ୍ଭ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଖୁସି ବ୍ୟକ୍ତ କରିଥିଲେ ମହାମହିମ । ଏହି ଅବସରରେ ସେ କହିଛନ୍ତି, ମୋତେ ଖୁସି ଲାଗୁଛି ନାରୀ ସଶକ୍ତିକରଣ ଯୋଜନା ଗୁଡିକର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୋତେ ଚୟନ କରିଛନ୍ତି । ରାଷ୍ଟ୍ରପତି ଆହୁରି କହିଛନ୍ତି, 'ରେଖା ଗୁପ୍ତା ରାଜନୀତିରେ ଆଗକୁ ବଢି ଚାଲିଛନ୍ତି, ଆଜି ଏହି ସ୍ଥାନରେ ପହଞ୍ଚିଛନ୍ତି । ମୁଁ ତାଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ସେ ଏସବୁ ଯୋଜନାର ଶୁଭାରମ୍ଭ ପାଇଁ ଚିନ୍ତା କଲେ । ମହିଳା ସମାଜର ଅଭିନ୍ନ ଅଙ୍ଗ ଅଟନ୍ତି । ଭାରତ ଇତିହାସରେ ମହିଳାଙ୍କ ତ୍ୟାଗ ଓ ଗାଥାରେ ପୂରି ରହିଛି । ଲୋକମାତା ଅହଲ୍ୟାବାଈଙ୍କ ପ୍ରଶାସନିକ କାର୍ଯ୍ୟଦକ୍ଷତା ଆଜି ବି ସ୍ମରଣ କରାଯାଏ। ଆଜିର ମହିଳା ପ୍ରତ୍ୟେକଟି କ୍ଷେତ୍ରରେ ଆଗକୁ ବଢୁଛନ୍ତି । ସେନାଠୁ ନେଇ ବିଜ୍ଞାନ ପ୍ରତି କ୍ଷେତ୍ରରେ ଝିଅମାନେ ଆଗକୁ ବଢି ଚାଲିଛନ୍ତି । କିନ୍ତୁ ଏହା ମଧ୍ୟ ସତ ଆଜିବି ମହିଳାଙ୍କୁ ଅନେକ ଖରାପ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ରାଷ୍ଟ୍ରପତି ଏହି ଅବସରରେ କହିଥିଲେ, ମହିଳା ସଶକ୍ତିକରଣର ଦାୟିତ୍ୱ କେବଳ ସରକାରଙ୍କ ନୁହେଁ ପ୍ରତ୍ୟେକଟି ନାଗରିକଙ୍କ ଅଟେ। ସମସ୍ତଙ୍କୁ ମିଳିମିଶି ଦାୟିତ୍ୱ ତୁଲାଇବାକୁ ପଡିବ । ଏହି ଅବସରରେ କେନ୍ଦ୍ର ସରକାରଙ୍କ ନ୍ୟାସନାଲ କମନ୍ ମୋବିଲିଟି କାର୍ଡ (ଏନ୍‌ସିଏମ୍‌ସି) ଯୋଜନାର ଶୁଭାରମ୍ଭ କରିଥିଲେ । ଏଥିସହ ମହିଳାଙ୍କୁ ସ୍ମାର୍ଟ କାର୍ଡ ପ୍ରଦାନ କରିଥିଲେ । ଦିଲ୍ଲୀର ସମସ୍ତ ରାସନକାର୍ଡଧାରୀଙ୍କୁ ବର୍ଷକୁ ଦୁଇଟି ମାଗଣା ଏଲପିଜି ସିଲିଣ୍ଡର ପ୍ରଦାନ କରାଯିବ । ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ରାଷ୍ଟ୍ରପତି । ଏଥିସହ ଲକ୍ଷପତି ଝିଅ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଥିଲେ, 'ଲକ୍ଷପତି ବେଟିଆ' ଯୋଜନାରେ ୧୨୮ କୋଟିର ବଜେଟ ରଖିଛୁ । ଦିଲ୍ଲୀ ସରକାର ମହିଳା ସଶକ୍ତିକରଣ ପ୍ରତିବଦ୍ଧତାର ପ୍ରତୀକ ଅଟେ ।' ଆଗକୁ ମହିଳା ଦିବସ ଆସୁଥିବା ବେଳେ ମହିଳାଙ୍କୁ ଭେଟି ଦେଇଛନ୍ତି ଦିଲ୍ଲୀ ସରକାର । ସରକାର ଏକ ପିଙ୍କ୍ ୱିମେନ୍ ସ୍ମାର୍ଟ କାର୍ଡର ସୁବିଧା ମହିଳାଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଡରେ ଡିଟିସି ବସ୍‌ରେ ମହିଳାଙ୍କୁ ମାଗଣା ଯାତ୍ରା କରିବାକୁ ସୁବିଧା ପ୍ରଦାନ କରାଯିବ ।




# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ପାଇଁ ଫସିଛନ୍ତି ଓଡ଼ିଶାର ବହୁ ଲୋକ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ ୦୨/୦୩ ନ୍ୟୁଜ ବ୍ୟୁରୋ**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ଦେଖା ଦେଇଥିବା ସମୟରେ ସେଠାରେ ରହି କାମ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରମିକମାନଙ୍କ ପରିବାର ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୫ ହଜାରରୁ ଅଧିକ ଲୋକ ମଧ୍ୟପ୍ରାଚ୍ୟରେ ଫସି ରହିଛନ୍ତି । କିଏ ସ୍ଥାୟୀ ଭାବେ ସେଠାରେ ବ୍ୟବସାୟ କରୁଛନ୍ତି ତ ଆଉ କିଏ ପେଟପାଟଣା ପାଇଁ କାମ କରିବାକୁ ଯାଇଛନ୍ତି। କାମ କରିବାକୁ ଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ । ପଟ୍ଟାମୁଣ୍ଡାଇ ସହର ବକ୍ତାରପୁରର ବିନୋଦ ବିହାରୀ ମିଶ୍ର ପୁଅକୁ ନେଇ ଏବେ ବ୍ୟସ୍ତ ବିବ୍ରତ। ବିନୋଦ କହିଛନ୍ତି କି, ତାଙ୍କ ବଡ଼ ପୁଅ ଶିବଶମ୍ଭୁ ମିଶ୍ର ଇସ୍ରାଏଲର ତେଲ୍‌ଆଭିଭ୍‌ରେ କାମ କରୁଛନ୍ତି। ସେଠାରେ ପାଣି ପାଇପ୍ ମିସ୍ତ୍ରୀ ଭାବେ ସେ ଅଛନ୍ତି । ଶିବଶମ୍ଭୁଙ୍କ ମା' ମନୋରମା ମିଶ୍ର ବି ପୁଅ ଚିନ୍ତାରେ ଭାଳି ହେଉଛନ୍ତି। ସେହିଭଳି ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ବୋଧଗାଁର ବିଜୟ ଦାସ କହିଛନ୍ତି ଯେ ତାଙ୍କ ପୁଅ ବିଶ୍ୱଭାନୁ ଦାସ ବାହାରିନକୁ ୪ ବର୍ଷ ହେଲା କାମ କରିବାକୁ ଯାଇଛନ୍ତି । ସେଠାରେ ସେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଛନ୍ତି। ବିଶ୍ୱଭାନୁ ଟେଲିଫୋନ୍ ଯୋଗେ କହିଛନ୍ତି ଯେ, ସେ ଏଠାରେ ବାହାରିନ ଏଆଇ ମୁହରକ୍ ସ୍ଥିତ ଇଲେକ୍ଟ୍ରୋ ମେକାନିକାଲ ସର୍ଭିସେସ୍ ଡବ୍ଲୁଏଲଏଲ (ବେମ୍‌କୋ)ରେ ପାଣି ପାଇପ୍ ମିସ୍ତ୍ରୀଭାବେ କାମ କରୁଛନ୍ତି । ସେ ରହୁଥିବା ସ୍ଥାନର କିଛି କିଲୋମିଟର ଦୂରରେ ଘନଘନ ମିସାଇଲ ମାଡ଼ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଆମକୁ ଘର ଭିତରେ ରହିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାୟ ୩୦ରୁ ଅଧିକ ଓଡ଼ିଆ ଏହି କମ୍ପାନୀରେ କାମ କରୁଛନ୍ତି । ବିଶ୍ୱଭାନୁଙ୍କ ମା' ବାସନ୍ତୀ ଓ ପତ୍ନୀ ରଶ୍ମିତା ମଧ୍ୟ ତାଙ୍କୁ ନେଇ ଚିନ୍ତିତ । ତାଙ୍କର ୮ ବର୍ଷ ବୟସର ଏକ ଝିଅ ଅଛି । ସେହିପରି ବାସୁଦେବ ମଲିକ ଗଲା ୩ ବର୍ଷ ଧରି ଦୁବାଇରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଛନ୍ତି । ପରିବାର ଲୋକେ ବ୍ୟଥିତ । କେବଳ ଶିବଶମ୍ଭୁ, ବିଶ୍ୱଭାନୁ କିମ୍ବା ବାସୁଦେବ ନୁହନ୍ତି ଜିଲ୍ଲାର ବହୁ ଯୁବକ ପେଟପାଟଣା ଆଶାରେ ଯାଇ ମଧ୍ୟପ୍ରାଚ୍ୟର ବିଭିନ୍ନ ରାଷ୍ଟ୍ରରେ କାମ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର କହିଛନ୍ତି ଯେ ଯେଉଁ ଭାରତୀୟମାନେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ରହିଛନ୍ତି, ସେମାନଙ୍କ ସୁରକ୍ଷା ନିମନ୍ତେ କେନ୍ଦ୍ର ସରକାରଙ୍କ ତରଫରୁ ଗାଇଡଲାଇନ୍ ଜାରି କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର କେତେଜଣ ସେଠାରେ ଅଛନ୍ତି ସେ ବିଷୟରେ ସେ ଶ୍ରମ ଅଧିକାରୀଙ୍କ ସହ କଥା ହେବେ ।

ଏହି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇସ୍ରାଏଲରେ ରହୁଥିବା ଜଣେ ଭାରତୀୟ ମହିଳା ତାଙ୍କ ପରିବାର ସହିତ ବଙ୍କର ଭିତରେ ଲୁଚି ରହିଛନ୍ତି । ସୋସିଆଲ୍ ମିଡିଆରେ ସେଠାରୁ ସେମାନେ ତାଙ୍କ ଗତିବିଧି ସେୟାର କରିଛନ୍ତି। ସେ ହେଲେ ଇସ୍ରାଏଲର ବରଶେଭା ସହରର ବୈଜ୍ଞାନିକ ସୁଚିସ୍ମିତା ମୁଦୁଲି ବାରୋନ। ଓଡ଼ିଶାରେ ତାଙ୍କର ଜନ୍ମ। ସେ ଇସ୍ରାଏଲରେ ରହୁଥିବା ସମୟରେ ଏଭଳି ଏକ ଘମାଘୋଟ ସ୍ଥିତି ସାମ୍ନା କରିଛନ୍ତି। ଭୟରେ ସେ ଏକ ବଙ୍କର ଭିତରେ ଆଶ୍ରୟ ନେଇଛନ୍ତି। ସେଠାରୁ ସେ ଇନଷ୍ଟାଗ୍ରାମରେ ନିଜ ଭିଡିଓ ସେୟାର କରିଛନ୍ତି। ଯେଉଁ ଭିଡିଓରେ ତାଙ୍କ ସ୍ୱାମୀ ଏବଂ ସେମାନଙ୍କର ଦୁଇ ପିଲାଙ୍କୁ ବି ଦେଖିବାକୁ ମିଳିଛି। ଧୈର୍ଯ୍ୟର ସହ ପରସ୍ପରକୁ ସୁରକ୍ଷା ଦେଉଛନ୍ତି। ଆଉ ଶାନ୍ତିରେ ଫେରି ଆସିବାକୁ ପ୍ରାର୍ଥନା କରିଛନ୍ତି। ସୁଚିସ୍ମିତା ବାରୋନ ଓ ସ୍ୱାମୀ ରିଆନ୍ ଉଇଲିଅମ୍ ବାରୋନ୍ ହଜାର ହଜାର ଇସ୍ରାଏଲୀଙ୍କ ମଧ୍ୟରେ ଆଶ୍ରୟସ୍ଥଳରେ ରହିଆସୁଛନ୍ତି।

## ଉଦ୍ଧାର ପାଇଁ କେନ୍ଦ୍ରକୁ ନିବେଦନ କଲେ ନବୀନ

**ଭୁବନେଶ୍ୱର, ୨/୦୩**
**ନ୍ୟୁଜ ବ୍ୟୁରୋ**



ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷର ପ୍ରଭାବ ସମଗ୍ର ଦୁନିଆରେ ପଡ଼ିଛି। ବିଶେଷ କରି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଫସି ରହିଛନ୍ତି ବହୁ ଭାରତୀୟ। ସେଥିରେ ଅନେକ ଓଡ଼ିଆ ମଧ୍ୟ ସାମିଲ୍। ଫସିଥିବା ଓଡ଼ିଆଙ୍କୁ କେମିତି ସ୍ୱଦେଶ ଫେରାଇ ଅଣାଯିବ ସେ ନେଇ ପଦକ୍ଷେପ ନେବାକୁ ଏକ୍ସରେ ପୋଷ୍ଟ କରି କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସେ ଲେଖିଛନ୍ତି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଓଡ଼ିଶାର ଅନେକ ଲୋକ ଫସି ରହିଛନ୍ତି, ଯେଉଁଥିରେ ପ୍ରବାସୀ ଶ୍ରମିକ, ବୃତ୍ତିଗତ, ଛାତ୍ର, ପର୍ଯ୍ୟଟକ ସାମିଲ ଅଛନ୍ତି। ବିମାନ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଅନେକ ଲୋକ ଗୁରୁତର ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ବିପଦରେ ଅଛି । ସେମାନେ ଜରୁରୀ ସହାୟତା ପାଇଁ ଭାରତକୁ ଚାହିଁ ରହିଛନ୍ତି। ଭାରତ ସରକାରଙ୍କୁ ଅନୁରୋଧ କରୁଛି ଯେ ଏମିତି ଯୁଦ୍ଧ ସ୍ଥିତିରେ ଫସିଥିବା ସମସ୍ତ ଓଡ଼ିଆଙ୍କ ସୁରକ୍ଷିତ ସ୍ଥାନାନ୍ତର ଏବଂ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ। ଶୀଘ୍ର ପଦକ୍ଷେପ କେବଳ ଜୀବନକୁ ସୁରକ୍ଷା ଦେବ ନାହିଁ ବରଂ ନିଜ ପ୍ରିୟଜନଙ୍କୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ଅଗଣିତ ପରିବାରକୁ ମଧ୍ୟ ଆଶ୍ୱସ୍ତ କରିବ।

# ସରିଲା ମାଟ୍ରିକ୍ ପରୀକ୍ଷା : ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ ରେଜଲ୍ଟ

**କଟକ, ୦୨/୦୩ ନ୍ୟୁଜ ବ୍ୟୁରୋ**

ସୋମବାର ଶେଷ ହୋଇଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା । କୌଣସି ପ୍ରକାର ବିଭ୍ରାଟ କିମ୍ବା ବିଶୃଙ୍ଖଳା ବିନା ପରୀକ୍ଷା ସମାପ୍ତ ହୋଇଥିବା ବେଳେ ବୋର୍ଡ ପକ୍ଷରୁ ଏବେ ପରୀକ୍ଷା ଫଳ ପ୍ରକାଶ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ପରୀକ୍ଷା ଶେଷ ହେବା ପରେ ଏବେ ଖାତା ଦେଖା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପ୍ରଥମ ଥର ଲାଗି ବୋର୍ଡ କାର୍ଯ୍ୟାଳୟରେ ହିଁ ଓଏମଆର ସ୍କାନିଂ କାର୍ଯ୍ୟ କରାଯିବାର ବ୍ୟବସ୍ଥା ହୋଇଛି। ଅନ୍ୟପଟେ ଆସନ୍ତା ୧୯ ତାରିଖରୁ ସବ୍‌ଜେକ୍ଟିଭ୍ ଖାତା ଦେଖା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟାୟନ ପ୍ରକ୍ରିୟା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୫୧ଟି କେନ୍ଦ୍ର କରାଯାଇଥିଲା। ପ୍ରାୟ ୧୫ ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏହି ଖାତା ଦେଖା କାର୍ଯ୍ୟରେ ନିୟୋଜିତ କରାଯାଇଛି । ବୋର୍ଡ ସଭାପତିଙ୍କ ସୂଚନା ଅନୁଯାୟୀ, ଖାତା ଦେଖା କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସବୁକିଛି ଠିକ୍ ରହିଲେ ମେ' ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସ୍ପଷ୍ଟ କରିଛନ୍ତି। ପରୀକ୍ଷାର ଶେଷ ଦିନରେ ଗଣିତ ବିଷୟ ଥିବା ବେଳେ ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ପ୍ରଦାନ କରାଯାଇଥିଲା। ପରୀକ୍ଷା କେନ୍ଦ୍ରରୁ ବାହାରିବା ସମୟରେ ପରୀକ୍ଷାର୍ଥୀମାନଙ୍କ ମୁହଁରେ ବେଶ୍ ଖୁସି ଓ ଆତ୍ମବିଶ୍ୱାସ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଦେଖିବାକୁ ମିଳିଛି। ପ୍ରଶ୍ନପତ୍ର ତ୍ରୁଟି, ପ୍ରଶ୍ନ ଲିକ୍ କିମ୍ବା ଭାଇରାଲ୍ ଭଳି କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇନାହିଁ। ବିନା କୌଣସି ବିଭ୍ରାଟରେ ପୁରା ପରୀକ୍ଷା ପ୍ରକ୍ରିୟା ଶେଷ ହୋଇଥିବାରୁ ଉଭୟ ପରୀକ୍ଷାର୍ଥୀ ଏବଂ ଅଭିଭାବକମାନେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ପରୀକ୍ଷା କେନ୍ଦ୍ରରୁ ବାହାରିବା ପରେ ପରୀକ୍ଷାର୍ଥୀମାନେ ଫଗୁ ଲଗାଇ ହୋଲି ଖେଳିଛନ୍ତି। ସମସ୍ତ ପରୀକ୍ଷା ମୋଟାମୋଟି ଭଲ ହୋଇଥିବା ପରୀକ୍ଷା ଶେଷ ହେବା ପରେ ପରୀକ୍ଷାର୍ଥୀମାନେ କହିଛନ୍ତି । ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୧ ହଜାର ଛାତ୍ରଛାତ୍ରୀ ଏହି ବୋର୍ଡ ପରୀକ୍ଷା ଦେଇଛନ୍ତି । ଗତ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିଲା ପରୀକ୍ଷା। ଚଳିତ ଥର ପ୍ରଥମ କରି ବୋର୍ଡ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ସିସିଟିଭିର ବ୍ୟବହାର କରାଯାଇଥିଲା। ବୋର୍ଡ କାର୍ଯ୍ୟାଳୟରେ ଥିବା କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ସାରା ରାଜ୍ୟର ୩,୦୮୨ଟି କେନ୍ଦ୍ର ଉପରେ ସିଧାସଳଖ ନଜର ରଖାଯାଇଥିଲା।

**ପ୍ରକାଶ ଅପେକ୍ଷାରେ...**

ମାସିକ ଗଳ୍ପ ପତ୍ରିକା "କଥାକଳିକା"
ମାର୍ଚ୍ଚ-୨୦୨୬, ୧୨ଶ ଜନ୍ମବାର୍ଷିକ ବିଶେଷାଙ୍କ




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।

**ସମକାଳର କଥା :** ରଞ୍ଜନ କୁମାର ଦାସ, ଅଜୟ ମହାପାତ୍ର, ଅମରେସ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ମନୋଜ ଜେନା, ଲକ୍ଷ୍ମୀ ଚାନ୍ଦ୍, କମଳା ଶତପଥୀ, ସଚ୍ଚିଦାନନ୍ଦ କର, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ରେବା ପଟ୍ଟନାୟକ, ସୁକାନ୍ତି ରାଉତ, ପ୍ରଣିତା ରାଣୀ ବେହେରା, ସ୍ୱାଗତିକା ସେଠୀ, ସଞ୍ଜୁକ୍ତା ତ୍ରିପାଠୀ, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ନମିତା ଦାଶ, ବରଦା ପ୍ରସନ୍ନ ଦାସ, ସ୍ନିଗ୍ଧା ନାୟକ, ବାସନ୍ତୀ ଦାସ, କବିତା ମିଶ୍ର, ଶଶୀକାନ୍ତ ରାଉତ, ଅରବିନ୍ଦ ଦାସ।

**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, କନକ ମଂଜରୀ ସାହୁ।

**ଯୁବ ମାନସର କଥା :** ସ୍ରୋତସ୍ୱିନୀ ପରିଡ଼ା, ସରିତା ସିଂହ ମହାନ୍ତି, ରୀତାଞ୍ଜଳି ସାହୁ, ରୁମାଲି ନନ୍ଦ, ଚିନ୍ମୟୀ ପଣ୍ଡା।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୩୨/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଶ୍ରୀନିବାସ ହତ୍ୟା ମାମଲା : ଦଣ୍ଡାଦେଶ ବିରୋଧୀ ଆବେଦନକୁ ଖାରଜ କଲେ ହାଇକୋର୍ଟ

କଟକ, ୦୨/୦୩ ନ୍ୟୁଜ ବ୍ୟୁରୋ

୩୩ ବର୍ଷ ତଳର ଏକ ହତ୍ୟା ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କ ଆଜୀବନ କାରାଦଣ୍ଡାଦେଶକୁ ବଳବତ୍ତର ରଖିଛନ୍ତି। ଝାରସୁଗୁଡ଼ାର ଶ୍ରୀନିବାସ ଯାଦବଙ୍କୁ ଗୁଳି କରି ହତ୍ୟା କରିବା ଅଭିଯୋଗରେ ନିମ୍ନ ଅଦାଲତ ଶୁଣାଇଥିବା ଦଣ୍ଡାଦେଶ ବିରୋଧରେ ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ମାମଲାରେ ଅଭିଯୁକ୍ତ ରାମବାବୁ ସାହୁ ଏବଂ ଭୂଷଣ ସାହୁ (ମୃତ) ସମ୍ପୃକ୍ତ ଥିଲେ। ୧୯୯୨ ଅଗଷ୍ଟ ୬ ତାରିଖ ରାତି ପ୍ରାୟ ୯ଟା ସମୟରେ ଝାରସୁଗୁଡ଼ା ଷ୍ଟେସନ ସ୍କୋୟାର ନିକଟରେ ଏହି ଅଭାବନୀୟ କାଣ୍ଡ ଘଟିଥିଲା। ସୂଚନାଦାତା ସିଂହାସନ ଯାଦବ କ୍ଷୀର ଦେଇ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଓ ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତ ରାମବାବୁ ସାହୁଙ୍କ ନିର୍ଦ୍ଦେଶରେ ଭୂଷଣ ସାହୁ ଓ ଅନ୍ୟମାନେ ସିଂହାସନଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ଶ୍ରୀନିବାସଙ୍କୁ ଗୁଳି କରିଥିଲେ। ପରବର୍ତ୍ତୀ ସମୟରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀନିବାସଙ୍କ ମୃତ୍ୟୁ ଘଟିଥିଲା। ବିଚାରପତି ମାନସ ରଞ୍ଜନ ପାଠକ ଏବଂ ବିଚାରପତି ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଖଣ୍ଡନ କରି କୋର୍ଟ କହିଛନ୍ତି ସାକ୍ଷୀମାନଙ୍କ ବୟାନରେ ସାମାନ୍ୟ ଅମେଳ ଥିଲେ ମଧ୍ୟ ତାହା ଘଟଣାର ୫ ବର୍ଷ ପରେ ରେକର୍ଡ ହୋଇଥିବାରୁ ଗ୍ରହଣୀୟ। ମୃତ ଶ୍ରୀନିବାସଙ୍କ ଦ୍ୱାରା ପ୍ରଦତ୍ତ ଦୁଇଟି ଯାକ ମୃତ୍ୟୁକାଳୀନ ଜବାବ ସଠିକ ଓ ଏଥିରେ ଅଭିଯୁକ୍ତଙ୍କ ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ବାଲିଷ୍ଟିକ ରିପୋର୍ଟ ସହ ପ୍ରାସଙ୍ଗିକତା ନଥିବା କଥାକୁ କୋର୍ଟ ତଦନ୍ତରେ ଏକ ତ୍ରୁଟି ବୋଲି ଦର୍ଶାଇଛନ୍ତି, କିନ୍ତୁ ଏହା ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣକୁ କାଟି ପାରିବ ନାହିଁ। ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅଭିଯୁକ୍ତମାନେ ଜାମିନରେ ଥିଲେ ମଧ୍ୟ ସେମାନଙ୍କ ଜାମିନ ବଣ୍ଡ୍ ରଦ୍ଦ କରାଯାଇଛି। ସେମାନଙ୍କୁ ତୁରନ୍ତ ଗିରଫ କରି ବାକି ଥିବା ସଜା କାଟିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଇରାନ ବିରୋଧରେ ଆସିଲା ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ

**ନୂଆଦିଲ୍ଲୀ,୨।୩**

ଇରାନ ବିରୋଧରେ ଲଢେଇ ପାଇଁ ଏବେ ଆମେରିକା ଏବଂ ଇସ୍ରାଏଲ ସହିତ ଯୋଗ ଦେଇଛି ୟୁରୋପୀୟ ଦେଶ। ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ କହିଛନ୍ତି, ଆବଶ୍ୟକ ହେଲେ ସେମାନେ ଇରାନ ବିରୋଧରେ 'ପ୍ରତିରକ୍ଷା କାର୍ଯ୍ୟାନୁଷ୍ଠାନ' ନେବାକୁ ପ୍ରସ୍ତୁତ ଅଛୁ। ଯଦିଓ ବ୍ରିଟେନ ପୂର୍ବରୁ ଏହି ଯୁଦ୍ଧରେ ଆମେରିକାକୁ ସହାୟତା କରିବାକୁ ମନା କରିଦେଇଥିଲା, କିନ୍ତୁ ବର୍ତ୍ତମାନ ସମର୍ଥନ କରିବା ନେଇ ଘୋଷଣା କରିଛି। ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ନେତାମାନେ ମିଳିତ ବିବୃତ୍ତି ଜାରି କରିଛନ୍ତି। ସେମାନେ କହିଛନ୍ତି ଯେ 'ଇରାନର ଏହି ଅଞ୍ଚଳର ଦେଶଗୁଡ଼ିକ ଉପରେ ଅବାଧ କ୍ଷେପଣାସ୍ତ୍ର ଆକ୍ରମଣରେ ସେମାନେ ସ୍ତବ୍ଧ, ଯେଉଁମାନେ ଆରମ୍ଭରୁ ଆମେରିକା ଏବଂ ଇସ୍ରାଏଲୀ ସାମରିକ କାର୍ଯ୍ୟରେ ସାମିଲ ନାହାଁନ୍ତି, ତାଙ୍କୁ ମଧ୍ୟ ଟାର୍ଗେଟ କରାଯାଉଛି । ଇରାନର ବେପରୁଆ ଆକ୍ରମଣ ଆମର ନିକଟତମ ମିତ୍ର ଦେଶଙ୍କୁ ପ୍ରଭାବିତ କରିଛି । ଏହାଛଡା ଆମର ସାମରିକ କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ପୁରା ମିଡିଲ ଇଷ୍ଟ ଯୁଦ୍ଧ ପରିସ୍ଥିତି ଭୟାବହ ରୂପ ନେଇଛି।

